ଧରିତ୍ରୀ
DHARITRI
November 15-21, 2020 ₹ 2/-

# ଛୁଟିଦିନ



# ତାଳ

୪
ପ୍ରଚ୍ଛଦ ପ୍ରସଙ୍ଗ

ଦୂର ତାଳବଣ କେବଳ ସୁନ୍ଦର ନୁହେଁ ବରଂ ଓଡ଼ିଶାର ଜନଜୀବନ ସହିତ ବେଶ୍ ଜଡ଼େଇ ହୋଇ ରହିଛି। ସମୟ ବଦଳିଛି ସତ କିନ୍ତୁ ତାଳ ବିଭବର ଗୁରୁତ୍ୱ ଏବେ ବି ରହିଛି...



୧୩
ସହରଠୁ ଦୂର



୮/୯
ସିନେମା

# ନେଲପଲିସ୍‌ର ଉପଯୋଗିତା



**ସ୍କ୍ରୁ ଟାଇଟ୍ :** କିଛି ଆସବାବପତ୍ରରେ ସ୍କ୍ରୁ ଫିଟ୍ କରିବା ବେଳେ ସ୍କ୍ରୁ ଠିକ୍‌ରେ ଟାଇଟ୍ ହୁଏ ନାହିଁ । ତେବେ ଏଥିରେ କିଛି ନେଲପଲିସ୍ ଲଗାଇ ଫିଟ୍ କରନ୍ତୁ ଏହା ତୁରନ୍ତ ଫିଟ୍ ହୋଇଯିବ ।

**ଲିକ୍ୟୁଡ ବ୍ୟାଣ୍ଡେଜ :** ହଠାତ୍ ହାତ କଟିଗଲେ ପାଖରେ ବ୍ୟାଣ୍ଡେଜ ନ ଥିଲେ ନେଲପଲିସ୍‌କୁ ଲିକ୍ୟୁଡ୍ ବ୍ୟାଣ୍ଡେଜ ଭାବେ ବ୍ୟବହାର କରିପାରିବେ ।

**ଛୁଞ୍ଚରେ ସୂତା ପୂରାଇବା:** ଯଦି ସୂତାର ଶେଷ ମୁଣ୍ଡରେ ଅଳ୍ପ ନେଲପଲିସ୍ ଲଗାଇ ଦେଲେ ଏହା ଶୁଖି ଟାଣ ହେଲାପରେ ଛୁଞ୍ଚରେ ପୂରାଇବା ସୁବିଧା ହୋଇଥାଏ ।

**ଜୁଏଲେରୀକୁ ରଖେ ସୁରକ୍ଷିତ:** ଅନେକ ସମୟରେ ମେଟାଲିକ୍ ଜୁଏଲେରୀରେ ଜଙ୍କ୍ ଲାଗିଯିବା କାରଣରୁ ନା କେବଳ ନଷ୍ଟ ହୋଇଯାଏ ବରଂ ପିନ୍ଧିଲେ ସ୍କିନ୍ ଆଲର୍ଜିର କାରଣ ମଧ୍ୟ ସାଜିଥାଏ । ତେଣୁ ଏପରି ନ ହେବା ଲାଗି ଆପଣ ନେଲ୍ ପଲିସ୍‌ର ସାହାଯ୍ୟ ନେଇପାରିବେ । ଜୁଏଲେରୀର ମେଟାଲିକ୍ ଅଂଶରେ ଟ୍ରାନ୍ସପରେଣ୍ଟ ନେଲ୍‌ପଲିସ୍ ଲଗାଇବା ଦ୍ୱାରା ଏଥିରେ ଜଙ୍କ୍ ହେବା କିମ୍ବା କଳା ପଡ଼ିବା ସମସ୍ୟା ଦୂର ହେବା ସହ ଏହାକୁ ପିନ୍ଧିଲେ ତ୍ୱଚା ଉପରେ କୌଣସି କୁପ୍ରଭାବ ପଡ଼ି ନ ଥାଏ ।

**ଚିହ୍ନିବା ହୁଏ ସହଜ:** କେବେ କେବେ ଏକା ପ୍ରକାର ମସଲା ଡବା, ମେଡ଼ିସିନ୍ ଡବା ହେଉ କିମ୍ବା ଚାବି ଚିହ୍ନଟ କରିବାରେ ଅସୁବିଧା ହୋଇଥାଏ । ହେଲେ ଆପଣ ଚାହିଁଲେ ଭିନ୍ନ ଭିନ୍ନ ରଙ୍ଗର ନେଲ୍‌ପଲିସ୍‌କୁ ଏହା ଉପରେ କୋଡ୍ ଭାବେ ବ୍ୟବହାର କରି ସହଜରେ ଚିହ୍ନଟ କରିପାରିବେ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୧୫-୨୧

**ମେଷ**



ମିତ୍ରତା ବୃଦ୍ଧି, ମୂଲ୍ୟବାନ ଦ୍ରବ୍ୟ ଲାଭ, ପ୍ରତିବନ୍ଧକ ଦୂରେଇଯିବ, ଟେନ୍‌ସନ କମିବ । ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଭ୍ରମଣ ସୁଯୋଗ, ଅର୍ଥନୈତିକ ଅଭିବୃଦ୍ଧି, ପଡୋଶୀଙ୍କ ସହାନୁଭୂତି, ଚାକିରି ଅଫର୍ ପାଇବେ ।

**ବୃଷ**



ସମସ୍ୟା ସମାଧାନ, ବସ୍ତ୍ରାଳଙ୍କାର ପ୍ରାପ୍ତି, ନୂତନ କର୍ମାରମ୍ଭ, ସ୍ୱାସ୍ଥ୍ୟରେ ଉନ୍ନତି, କର୍ମକ୍ଷେତ୍ରରେ ପ୍ରଶଂସା, ପରିବାରରେ ଭୁଲ୍‌ବୁଝାମଣା, ସହକର୍ମୀଙ୍କ ବଦାନ୍ୟତା, ସ୍ୱାସ୍ଥ୍ୟ ସମସ୍ୟାର ବ୍ୟସ୍ତତା, ବ୍ୟବସାୟିକ ଉନ୍ନତି ।

**ମିଥୁନ**



କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ, ସମ୍ପର୍କୀୟମାନଙ୍କ ସହ ମିତ୍ରତା, ବସ୍ତ୍ରଭୂଷଣ ପ୍ରାପ୍ତି, ପରିଭ୍ରମଣର ସୁଯୋଗ, ଗୃହରେ କଳହ, ବନ୍ଧୁ କ୍ଷୁବ୍ଧ ହେବେ, ମାନସିକ ଅସ୍ଥିରତା, ସନ୍ତାନ ହେତୁକ ଗୌରବ, ଋଣସୂତ୍ରରେ ଅର୍ଥପ୍ରାପ୍ତି ।

**କର୍କଟ**



କର୍ମକ୍ଷେତ୍ରରେ ସମାଲୋଚନା, କରଜଦାତାଙ୍କ ଚାପବୃଦ୍ଧି, ଭ୍ରାତୃସମ୍ପର୍କରେ ଉନ୍ନତି, ଯାନବାହନ କ୍ରୟ, କାର୍ଯ୍ୟସିଦ୍ଧି ହେବ, ଦୂରଯାତ୍ରାର ଯୋଜନା, ରାଜକୀୟ ସମ୍ମାନ, ମାଙ୍ଗଳିକ କାମ, ପାରିବାରିକ ଶାନ୍ତି, ରୋଗପୀଡା ହ୍ରାସ ।

**ସିଂହ**



ଶୁଭ ଖବର ପାଇବେ, ଅତିଥି ଚର୍ଚ୍ଚାର ଆନନ୍ଦ, କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ଅର୍ଥଲାଭ ଅବଶ୍ୟମ୍ଭାବୀ, ପାରିବାରିକ ତିକ୍ତତା, ହତାଶାବୋଧ କରିପାରନ୍ତି, ଆଶା ପୂରଣ ହେବ, ମଧ୍ୟସ୍ଥତାରୁ ବିବାଦ ।

**କନ୍ୟା**



ବନ୍ଧୁଙ୍କ ସଦ୍‌ଭାବ, କାମ ଅଟକିବ ନାହିଁ, ଅଧ୍ୟାପନାରେ ଉନ୍ନତି, ଆନୁଷ୍ଠାନିକ ସମ୍ମାନ ମିଳିବ, ଲକ୍ଷ୍ୟ ପୂରଣ ହେବ, ଆତ୍ମୀୟଙ୍କ ଅସହଯୋଗ, ଶ୍ରମଜନିତ କ୍ଳାନ୍ତିବୋଧ ।

**ତୁଳା**



ସୁସ୍ଥ ମାନସିକତା, ଦ୍ୱନ୍ଦ୍ୱର ଅବସାନ, ବ୍ୟବସାୟିକ ସଫଳତା, ଲୋକ ସମ୍ପର୍କ ବୃଦ୍ଧି, ରାଜନୈତିକ ଆଲୋଚନା, ପାରିବାରିକ ବିତର୍କ, ସମ୍ପର୍କୀୟଙ୍କ ଅସହଯୋଗ, ମକଦ୍ଦମାରୁ ଦୁଶ୍ଚିନ୍ତା, ମାଙ୍ଗଳିକ କାର୍ଯ୍ୟର ଆଲୋଚନା ।

**ବିଛା**



ଯାତ୍ରାରେ କଳହ, ସୁଯୋଗ ହରାଇବେ, ବ୍ୟୟାଧିକ୍ୟରୁ ମନସ୍ତାପ, ପାରିବାରିକ ସମସ୍ୟା ପରିସ୍ଥିତିକୁ ସମ୍ଭାଳିବେ, ଆମୋଦପ୍ରମୋଦ ମଉକା, ଯାତ୍ରାରେ ସଫଳତା, ଯୁକ୍ତିତର୍କରୁ ଅସମ୍ମାନ, ଅର୍ଥସମ୍ମାନ ପାଇବେ ।

**ଧନୁ**



ଯୋଜନାବଦ୍ଧ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସାହାଯ୍ୟ, ଭ୍ରମଣ ଓ କାର୍ଯ୍ୟସିଦ୍ଧ, ପାରିବାରିକ ସମର୍ଥନ, ସମସ୍ୟାକୁ ସୁଧାରିବେ, ମନୋରଞ୍ଜନ କାର୍ଯ୍ୟକ୍ରମ, ଟେନସନ୍ ବଢ଼ିଯିବ, ବିବାଦରେ ପଶନ୍ତୁ ନାହିଁ ।

**ମକର**



ସହକର୍ମୀଙ୍କ ବିରୁଦ୍ଧାଚରଣ, ବିବାଦରେ ଫସିଯିବେ, ପ୍ରଶାସନିକ ସଫଳତା, ସାଂସ୍କୃତିକ କାର୍ଯ୍ୟକ୍ରମ, କଳାରୁ ସମ୍ମାନ, ଅପମାନିତ ହୋଇପାରନ୍ତି, ବିଗତ ଘଟଣାରୁ ବ୍ୟସ୍ତତା, ବିଦେଶଯାତ୍ରାର ସୁଯୋଗ ।

**କୁମ୍ଭ**



ବିବାଦୀୟ ସ୍ଥିତିରୁ ଦୁଶ୍ଚିନ୍ତା, ପ୍ରତୀକ୍ଷିତ ଖବର ପ୍ରାପ୍ତି, ବନ୍ଧୁଙ୍କ ବୃଥା ସନ୍ଦେହ, ଡାକ୍ତରଙ୍କ ପରାମର୍ଶ, ନୂତନ କାର୍ଯ୍ୟାରମ୍ଭରେ ଝଗଡା, ଗବେଷଣାରେ ଅଗ୍ରଗତି, ପରୋକ୍ଷ ଶତ୍ରୁତା, ଧାରକରଜ କରିବେ ।

**ମୀନ**



ଆର୍ଥିକ ଅନଟନ, ଆତ୍ମୀୟଙ୍କ ପାଇଁ ଚିନ୍ତା, ଅପ୍ରିୟ ସତ୍ୟ ଭାଷଣରୁ ବିବାଦ, ପ୍ରତ୍ୟୁଷଯାତ୍ରାରେ ସଫଳତା, ପ୍ରକାଶନରେ ସମସ୍ୟା, ଜମିଜମା କ୍ରୟବିକ୍ରୟ, ଯାନବାହନରେ ତ୍ରୁଟି, ନିର୍ମାଣର ପୂର୍ଣ୍ଣତା, ଋଣ ପରିଶୋଧ, ଉପରିସ୍ଥଙ୍କ ଅନୁକମ୍ପା ।

# ଇନ୍ଦ୍ରଧନୁ ରଙ୍ଗର ୟୁକାଲିପଟାସ୍



ୟୁକାଲିପଟାସ୍ ଗଛର ରଙ୍ଗ ପୁଣି ଇନ୍ଦ୍ରଧନୁ ପରି, କଥାଟା ଆଶ୍ଚର୍ଯ୍ୟ ଲାଗିଲେ ବି ସତ । ହଁ, ଗଛ ତ ୟୁକାଲିପଟାସ୍‌ର କିନ୍ତୁ ଗଛର ଗଣ୍ଡି ପୂରା ଇନ୍ଦ୍ରଧନୁର ସାତ ରଙ୍ଗରେ ରଙ୍ଗିନ । ଦେଖିବାକୁ ଯେତିକି ସୁନ୍ଦର, ସେତିକି ଆଶ୍ଚର୍ଯ୍ୟକର । ଏପରି ୟୁକାଲିପଟାସ୍ ଗଛ ହାୱାଇର କାଇଲୁଆ, ଇଣ୍ଡୋନେସିଆ, ଫିଲିପାଇନ୍ସ ଓ ନ୍ୟୁ ଗୁନିଆର ପଶ୍ଚିମ ଠାରେ ଦେଖିବାକୁ ମିଳିଥାଏ । ଏହା ସାଧାରଣତଃ ବର୍ଷା ହେଉଥିବା ଜଙ୍ଗଲରେ ବଢ଼ିଥାଏ । ଏହି ୟୁକାଲିପଟାସ୍ ଗଛର ଛେଲି ଇନ୍ଦ୍ରଧନୁ ରଙ୍ଗର ହୋଇଥିବାରୁ ରେନ୍‌ବୋ ଗମ୍ ଟ୍ରି ବା ମାଇଣ୍ଡାପୋ ଗମ୍ ଟ୍ରି ବୋଲି ମଧ୍ୟ କୁହାଯାଏ ।

# ପାଠକୀୟ

ନିତି ଖବର ପଢି ପଢି ମନ ଯେତେବେଳେ ଭାରାକ୍ରାନ୍ତ ହୋଇପଡେ ସେତିକିବେଳେ(ବିଶେଷକରି ଛୁଟିଦିନ) ଲୋଡା ହୁଏ ମନକୁ ଟିକେ ହାଲ୍‌କା କରିବା ପାଇଁ ଓ ଗତାନୁଗତିକତାରୁ ଛୁଟି ପାଇଁ କିଛି ଲଘୁପଠନ(ରିଡ଼ିଂ ଫର୍ ପ୍ଲେଜର୍) । ମନେହୁଏ ଏହି ଆବଶ୍ୟକତାକୁ ସମ୍ୟକ୍ ଭାବରେ ଉପଲବ୍ଧ କରିଛନ୍ତି ଧରିତ୍ରୀର ପ୍ରାୟୋଜିତ ଛୁଟିଦିନର ସମ୍ପାଦନା ମଣ୍ଡଳୀ । ଛୁଟିଦିନର ନାମକରଣ ଯେମିତି ଯଥାର୍ଥ, ତା'ର ଅଳଙ୍କରଣ ସେହିପରି ପର୍ଯ୍ୟାପ୍ତ । ପ୍ରସଙ୍ଗ ଚୟନ ଯେତିକି ଚିତ୍ତାକର୍ଷକ ଉପସ୍ଥାପନାଶୈଳୀ ସେତିକି ମନୋମୁଗ୍ଧକର । ଏହା ଏକ ଦେଖିଲା କଥା, ଯେଉଁମାନେ ଧରିତ୍ରୀକୁ ନିୟମିତ ପଢନ୍ତି ନାହିଁ । ସେମାନେ କେବଳ ଛୁଟିଦିନ ପାଇଁ ରବିବାର ଧରିତ୍ରୀ ଖଣ୍ଡେ କିଣନ୍ତି । କିମ୍ବା ଯେମିତି ହେଲେ ଅନ୍ତତଃ ଛୁଟିଦିନଟିଏ ଯୋଗାଡ କରନ୍ତି । ଧରିତ୍ରୀ ମଥା ହେଲେ ଛୁଟିଦିନ ମଥାମଣି ।

—ଅଲେଖଚନ୍ଦ୍ର ମିଶ୍ର,
ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ଭୁବନେଶ୍ୱର

ଏଥରଠାରୁ ଛୁଟିଦିନ ପୁଣିଥରେ ୧୬ ପୃଷ୍ଠାରେ ଆସିଥିବାରୁ ମୁଁ ଓ ମୋ ପରିବାରର ସମସ୍ତ ସଦସ୍ୟ ବହୁତ ଖୁସି । ଅନେକ ଦିନର ଅପେକ୍ଷା ଆଜି ପୂରଣ ହେଲା । ଅଶେଷ ଅଶେଷ ଧନ୍ୟବାଦ । ଆଉ ଏହି ସଂଖ୍ୟାର ସବୁପୃଷ୍ଠା ଏତେ ମନଛୁଆଁ ଥିଲା ଯେ, ମୁଁ ଏହାକୁ ଅନେକଥର ପଢ଼ିଛି । ଖାସ୍‌କରି ପ୍ରଚ୍ଛଦପ୍ରସଙ୍ଗ 'ତୁଳସୀ' ଅତ୍ୟନ୍ତ ଶିକ୍ଷଣୀୟ ଥିଲା । ତେଣୁ ଏହାକୁ ମୁଁ ମୋ ସଂଗ୍ରହରେ ସାମିଲ କରିଛି ।

—ରାଜୀବ ତରାଇ, ରମ୍ଭା

ଛୁଟିଦିନର ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ତୁଳସୀ' ଶିକ୍ଷଣୀୟ ଓ ତଥ୍ୟପୂର୍ଣ୍ଣ ହୋଇଛି । ତୁଳସୀ ଚଉରା, ତୁଳସୀ ମାଳି ଧାର୍ମିକ ତଥା ଆଧ୍ୟାତ୍ମିକତାର ପରିଚୟ ଦେଇଥାଏ । ତୁଳସୀ ପତ୍ରରେ ଔଷଧୀୟ ଗୁଣ ଥାଏ । ସୃଜନ ପୃଷ୍ଠା ଓ ଅନ୍ୟାନ୍ୟ ଲେଖା ପଢି ଖୁସି ହେଲି । ହାଃ ହାଃ ବେଶ୍ ମଜାଦାର ଲାଗିଲା । କାର୍ଟୁନ କର୍ନର ମନଛୁଆଁ ହୋଇଛି ।

— ନିରଞ୍ଜନ ସାହୁ , ନେତପୁର, ପୁରୀ

ପବିତ୍ର କାର୍ତ୍ତିକ ମାସର ପ୍ରାରମ୍ଭରେ ଛୁଟିଦିନର ପୁରୁଣା ରୂପକୁ ଦେଖିବାକୁ ପାଇ ବହୁତ ଖୁସି ଲାଗିଲା । ପ୍ରଚ୍ଛଦ ପ୍ରସଙ୍ଗ ପଢି ମନ ସାତ୍ତ୍ୱିକ ହୋଇଗଲା । ଅନେକ ତଥ୍ୟର ସମାହାର ଥିଲା ଉକ୍ତ ପ୍ରଚ୍ଛଦ ପ୍ରସଙ୍ଗ । ଲାଇଫ୍ ଷ୍ଟାଇଲର ବିଷୟଟି ବି ବେଶ୍ ଉପଯୋଗୀ ଥିଲା । ସୃଜନ ପୃଷ୍ଠାର ଗପକବିତାଗୁଡିକ ବହୁତ ଭଲ ଲାଗିଲା ।

—ମନୋରମା ମହାନ୍ତି, ସମ୍ବଲପୁର

ଅଜବ ଫେସ୍ ମାସ୍କ ପାଠଟି ଭଲ ଲାଗିଲା । ମଡେଲ ମିରର୍‌ରେ ଗୁଗୁଲୀ ବେଶ୍ ସୁନ୍ଦର ଦେଖାଯାଉଥିଲେ । କୁମାର ପୂର୍ଣ୍ଣିମା ପାଇଁ ଏହା ପୂରାପୂରି ପ୍ରଯୁଜ୍ୟ ଫଟୋ । ସହରଠୁ ଦୂରରେ ସଂକ୍ରମଣ ଭୟ କମ୍ ଥିବା ପର୍ଯ୍ୟଟନସ୍ଥଳ ସମ୍ପର୍କରେ ଜାଣି ଭଲ ଲାଗିଲା । ନିଆରା ଗାଁ ପାଠଟି ବି ପଠନୀୟ ଥିଲା ।

—ସୂର୍ଯ୍ୟକାନ୍ତ ବେହେରା, ଚାନ୍ଦବାଲି

## ବିଶେଷ ଚିଠି



ଓଡ଼ିଆ ପତ୍ରିକାର ମଉଡ଼ମଣୀ,
ଧରିତ୍ରୀର ଛୁଟିଦିନ ।
ସାତ ଦିନେ ଥରେ ଆସି–
ଖୁସି କରିଦିଅ ମନ ପ୍ରାଣ ।
ପ୍ରଚ୍ଛଦ ପ୍ରସଙ୍ଗେ କେତେ ଯେ କଥା,
ସୃଜନେ ସୃଜନୀ ଧାରା ।
ଟେଲି ଦୁନିଆର କଥା ଯେ ସିନେମା,
ହାଃ ହାଃ ହୁଏ ହସ ଭରା ।

—ଶଙ୍ଖସିନ୍ଧୁ ପୁରୋହିତ
ବଡାଲି, ଉଲୁଣ୍ଡା, ସୁବର୍ଣ୍ଣପୁର

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ହେୟାର୍ ପିନ୍





**ବନ୍ ବା ଖୋସାର ଫ୍ୟାଶନ୍ ସବୁବେଳେ ରହି ଆସିଛି। ତେବେ ଆଜିକାଲି ଏହାକୁ ଅଧିକ ଆକର୍ଷକ ଓ ଷ୍ଟାଇଲିସ୍ କରିବା ପାଇଁ ମିଳୁଛି ବିଭିନ୍ନ ପ୍ରକାରର ହେୟାର୍ ପିନ୍। ଟ୍ରାଡିଶନାଲ ସହ ମଡର୍ନ ଆଉଟ୍‌ଫିଟ୍‌ରେ ବି ଏହାକୁ ବ୍ୟବହାର କରିହେବ। ଆଉ କିଛି ଖାସ୍ ଦିନରେ ବ୍ୟବହାର କରି ସାଜିପାରିବେ ସମସ୍ତଙ୍କ ଧ୍ୟାନର କେନ୍ଦ୍ର ବିନ୍ଦୁ...**



**ଲାଲ ଗୋଲାପର ଫ୍ୟାନ୍ସି ହେୟାର ପିନ୍–** ଲାଲ ଗୋଲାପର ସୌନ୍ଦର୍ଯ୍ୟ ଏମିତି ଯେ, ଏହାକୁ କେଶରେ ଲଗାଇଲେ କେଶର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଯାଏ। ଖାସ୍ ସେଥିପାଇଁ ଏବେ ଲାଲ ଗୋଲାପର ହେୟାରପିନ୍ ବି ମିଳୁଛି। ଏହାକୁ ଉଭୟ ଇଣ୍ଡିଆନ୍ ଓ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ କେଶରେ ଲଗାଇ ହେବ। ସିଙ୍ଗଲ୍ ଗୋଲାପ ସହ ଦୁଇ ତିନୋଟି ଗୋଲାପ ଥିବା ପିନ୍ ବି ମିଳୁଛି। ଏହାକୁ ଆପଣ ବନ୍ ସହିତ ଓ ଅନ୍ୟ ଯେକୌଣସି ହେୟାର୍ ଷ୍ଟାଇଲ୍‌ରେ ବ୍ୟବହାର କରି ଆକର୍ଷକ ଲୁକ୍ ପାଇପାରିବେ।

**ଧଳାଫୁଲ ଥିବା ଫ୍ୟାନ୍ସି ହେୟାର୍ ପିନ୍–** ଏହି ହେୟାର୍ ପିନ୍ ବି ଦେଖିବାକୁ ବହୁତ ସୁନ୍ଦର। ଏହାକୁ ବନ୍‌ରେ ଲଗାଇଲେ ଲୁକ୍ ଏତେ ଆକର୍ଷକ ଲାଗେ ଯେ ନଜର ହଟେଇ ହେବନି। ସେଲିବ୍ରିଟିମାନେ ମଧ୍ୟ ଏହି ପିନ୍ ବହୁତ ବ୍ୟବହାର କରନ୍ତି।

**ସ୍ୱାଇରାଲ ହେୟାର ପିନ୍–** ସାଧାରଣ ଖୋସା ବା ବନ୍‌କୁ ଷ୍ଟାଇଲିସ୍ ଲୁକ୍ ଦେବାରେ ଏହା ବେଶ୍ ସହାୟକ ହେବ। ଏହି ହେୟାର ପିନ୍ ଦେଖିବାକୁ ବୁଢିଆଣୀ ଜାଲପରି। ବନ୍‌କୁ କଭର୍ କରୁଥିବା ଏହି ପିନ୍‌କୁ ଲଗାଇବା ପରେ ବନ୍ ଲାଗେ ବହୁତ କ୍ଲାସି ଓ ଷ୍ଟାଇଲିସ୍।

**ଜୋମେଟ୍ରିକ୍ ହେୟାର୍ ପିନ୍–** ଖୋସାକୁ ଆକର୍ଷକ କରିବା ପାଇଁ ବଜାରରେ ଏବେ ବିଭିନ୍ନ ପ୍ରକାର ହେୟାର୍ ପିନ୍ ମିଳୁଛି। ସେଥିମଧ୍ୟରୁ ଜୋମେଟ୍ରିକ୍ ହେୟାର ପିନ୍ ଅନ୍ୟତମ। ଚାରିକୋଣିଆ ଆକାରର ଏହି ପିନ୍‌କୁ ଖୋସାର ଠିକ୍ ଉପରକୁ ଲଗାଯାଏ। ଆଉ ବନ୍‌ର ଲୁକ୍ ବହୁତ ଆକର୍ଷକ ହୋଇଯାଏ।





**ଟ୍ରାଡିଶନାଲ ଖୋସା ପିନ୍–** ଶାଢି ଓ ଲେହେଙ୍ଗା ସହ ଯୁବତୀମାନେ ଚାହାନ୍ତି ତାଙ୍କ ହେୟାର୍‌ଷ୍ଟାଇଲ୍ ବି ଟ୍ରାଡିଶନାଲ ହେଉ। ତେଣୁ ଫୁଲ ଓ ଗଜରା ଲଗାଇବା ସହ ଟ୍ରାଡିଶନାଲ ଡିଜାଇନ୍ ହୋଇଥିବା ଫ୍ୟାନ୍ସି ହେୟାର୍ ପିନ୍ ବ୍ୟବହାର କରିପାରିବେ। ଝୁମ୍‌କା ବାଲା ହେୟାରପିନ୍ ବି ଭଲ ଲାଗେ।

















# ତାଳ



ଗାଁ ମୁଣ୍ଡ ହେଉ କି ଦୂର ରାସ୍ତା ତାଳବଣ କି, ନଈପଠା। ଧାଡ଼ିଧାଡି ହୋଇ ରହିଥିବ ତାଳଗଛ। ପତ୍ରରେ ଝୁଲୁଥିବ ବାୟାଚଢେଇର ବସା। ପ୍ରାକୃତିକ ପରିବେଶର ଏଇ ନିଆରା ବିଭବ ଏବେ ଖୁବ୍ କମ୍ ଦେଖିବାକୁ ମିଳୁଛି । କିନ୍ତୁ କେଉଁ ଆଦିମକାଳରୁ ତାଳପତ୍ର ଆମ ସାହିତ୍ୟ, ସଂସ୍କୃତି ଓ ପରମ୍ପରାରେ ଯୋଡିହୋଇ ରହିଛି ତା'ର ନିର୍ଦ୍ଦିଷ୍ଟ ହିସାବ ନାହିଁ। ମାତ୍ର ସମୟକ୍ରମେ ତାଳପତ୍ର ପୋଥିରୁ ପୂର୍ବକାଳର ବହୁବିରଳ ଗ୍ରନ୍ଥ, କାବ୍ୟକୁ ସଂଗ୍ରହ କରାଯାଇ ନୂଆ ତାଳପତ୍ରରେ ଲେଖାଯାଉଛି। କିମ୍ବା ବହି ଆକାରରେ ମଧ୍ୟ ଛପା ଯାଉଛି।

**ତାଳପତ୍ର ପୋଥି:** ପୋଥିରେ ବହୁ ଉପାଦେୟ କଥା ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପରିଜା ପାଠାଗାରର ଅବସରପ୍ରାପ୍ତ ପୋଥି ଅଧିକାରୀ ପଣ୍ଡିତ କେଦାରେଶ୍ୱର ମିଶ୍ର କୁହନ୍ତି, ବେଦ, ଉପନିଷଦ, ଆୟୁର୍ବେଦ, ପୁରାଣ, ଜ୍ୟୋତିଷ, ତନ୍ତ୍ର, ପଶୁବିଜ୍ଞାନ ଆଦି ବିଭିନ୍ନ ଗ୍ରନ୍ଥ, କାବ୍ୟ ତାଳପତ୍ର ପୋଥିରୁ ଜଣାପଡ଼େ। ଏହାକୁ ବିଭିନ୍ନ ମଠ, ମନ୍ଦିର, ଗାଦି ଓ କେତେକ ଧର୍ମପୀଠ ଆଦି ସ୍ଥାନରୁ ସଂଗ୍ରହ କରାଯାଇ ତା'ର ସଂରକ୍ଷଣ ଓ ସୁରକ୍ଷା କରାଯାଇପାରିଛି। ପୋଥିକୁ ଜାଣିବା ପାଇଁ ପୋଥିର ପ୍ରଥମ ପତ୍ରରେ ଗ୍ରନ୍ଥର ନାମ ସହିତ ଅଭିଘ୍ନ ମସ୍ତୁ ଶ୍ରୀଗଣେଶାୟ ନମଃ ଲେଖାଯାଇଥାଏ । ଶେଷରେ ସେହି ପୋଥିରେ ପୁସ୍ତିକା ଭାବେ ଏହା କେଉଁ ସ୍ଥାନ, କେଉଁ ସମୟର ଏବଂ ଏଥିରେ କେଉଁ ବିଷୟ ରହିଥାଏ, ଯାହାର ସମ୍ପୂର୍ଣ୍ଣ ସୂଚନା ତଥ୍ୟ ଲିଖନ କରାଯାଇଥାଏ। ଭୁବନେଶ୍ୱରରେ ଥିବା ରାଜ୍ୟ ସଂଗ୍ରହାଳୟ, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ପୁରୀର ରଘୁନନ୍ଦନ ପାଠାଗାର, ନୟାଗଡ଼ର ନୂଆଗାଁରେ ଥିବା ଦାସରଥି(ଦାସିଆଅଜା) ସଂଗ୍ରହାଳୟ ସମେତ ଅନେକ ସ୍ଥାନରେ ତାଳପତ୍ର ପୋଥି ରହିଛି। ପ୍ରତିବର୍ଷ ଦୋଳପୂର୍ଣ୍ଣିମାରେ ଗାଁର ଦୋଳମଣ୍ଡପଠାରେ ତାଳପତ୍ରରେ ଲିଖିତ ବାର୍ଷିକ ପଞ୍ଜିକାକୁ ପାଠ କରାଯାଉଥିବା ପରମ୍ପରା ଏବେ ବି ଅନେକ ଗାଁଗଣ୍ଡାରେ ଦେଖିବାକୁ ମିଳେ।

**ପୋଥି ତିଆରି ପ୍ରଣାଳୀ:** ତାଳଗଛରୁ ବାହୁଙ୍ଗାକୁ କଟାଯିବା ପରେ ସେଥିରୁ ପତ୍ରକୁ ଭଲଭାବରେ ଖରାରେ ଶୁଖା ଯାଇଥାଏ। ଏହାପରେ ପତ୍ରରୁ ଖଡ଼ିକା ବାହାର କରାଯାଇ କେବଳ ସେହି ପତ୍ରକୁ ୨ଦିନ ଧରି ଖରାରେ ଶୁଖାଯାଇଥାଏ। ପରେ ପୋକ ଦାଉରୁ ଏହି ପତ୍ରକୁ ରକ୍ଷା କରିବା ପାଇଁ ହଳଦୀ, ନିମପତ୍ରକୁ ପାଣିରେ ଫୁଟାଇ ସେଥିରେ ତାଳପତ୍ରକୁ ପ୍ରାୟ ଏକଘଣ୍ଟା ଭିଜାଇ ରଖିବାକୁ ପଡ଼ିଥାଏ। ପ୍ରାୟ ୧୩ଇଞ୍ଚ ଲମ୍ବ ଓ ୧.୩ ଇଞ୍ଚ ଓସାର ମାପରେ କଟାଯାଇଥିବା ପତ୍ରଗୁଡ଼ିକର କୋଣକୁ ଅର୍ଦ୍ଧକୋଣାକାର ସାଇଜ୍‌ର କଟାଯାଇଥାଏ। ଏପରି ନିର୍ଦ୍ଦିଷ୍ଟ ମାପ ଅନୁସାରେ ତାଳପତ୍ର ପୋଥିକୁ ତିଆରି କରାଯାଇଥାଏ ।

**କିପରି ଲେଖାଯାଏ ପୋଥି:** ତାଳପତ୍ର ପୋଥି ତିଆରି କରିବା ପୂର୍ବରୁ ତାଳପତ୍ରର ଦୁଇପାର୍ଶ୍ୱରେ ମାର୍ଜିନ ପାଇଁ ପ୍ରାୟ ୩ସେମି ଛଡ଼ାଯାଇଥାଏ। ଚିତ୍ର ପାଇଁ ୨ସେମି ଥାଏ। ପ୍ରାୟ ୬ସେମିରେ ସମୁଦାୟ ପତ୍ରଟିକୁ ଭାଗ କରାଯାଇଥାଏ। ତା' ଉପରେ ସ୍କେଲ ପକାଇ ପେନ୍‌ସିଲରେ ସିଧାସିଧା ଗାର ପକାଯାଇ ଲେଖନୀ କିମ୍ବା କଣ୍ଟାମୁନରେ ଲେଖା ଓ ଚିତ୍ର ଅଙ୍କନ କରାଯିବା ପରେ ପତ୍ରଗୁଡ଼ିକୁ ୪/୫ଘଣ୍ଟା ଖରାରେ ଶୁଖାଯାଇଥାଏ। ଏମିତି ପ୍ରାୟ ୧୦୦ଟି ଶୁଖିଲା ପତ୍ରକୁ ଏକାଠି କରାଯାଇ ଏକବିଡ଼ା ପୋଥି କରାଯାଇଥାଏ। ପତ୍ରରେ ଲେଖା କିମ୍ବା ଚିତ୍ର ଅଙ୍କନ ସରିବାପରେ ସେହି ପତ୍ରଗୁଡ଼ିକର ଲିପିରେ ରଙ୍ଗଭାବେ ପୋଲାଙ୍ଗ ତେଲରେ ଜଳାଯାଉଥିବା ଦୀପ ବଳିତାର କଳାକୁ ବ୍ୟବହାର କରାଯାଇଥାଏ। ପୂର୍ବରୁ ତିଆରି କରି ରଖାଯାଇଥିବା ପତଳା ଓ ପଲିସ ନିମ୍ବ ପଟାରେ ଡୋରିଲଗାଇ ପୋଥିର ମଲାଟ ବା କଭରଭାବେ ବ୍ୟବହୃତ କରାଯାଇଥାଏ। ଜଣେ ପୋଥି କାରିଗର ପ୍ରାୟ୧୫/୨୦ଦିନ ମଧ୍ୟରେ ୧୫୦ରୁ ୨୦୦ଟି ପତ୍ରରେ ଲେଖାଲେଖି କରିପାରିଥାନ୍ତି।

**ପୋଥିର ସୁରକ୍ଷା:** ପ୍ରତ୍ୟେକ ଦିନ ପ୍ରାଚୀନ ପ୍ରଣାଳୀରେ ତାଳପତ୍ର ପୋଥିଗୁଡ଼ିକୁ ଖୋଲାଯାଇ ପ୍ରଥମେ ସେଥିରେ ଲାଗିଥିବା ଧୂଳିକୁ କନା କିମ୍ବା ବ୍ରଶ ଦ୍ୱାରା ସଫା କରାଯାଇଥାଏ। ପରେ ନିମ୍ବତେଲରେ ଶୋଧନ କରାଯାଇଥାଏ। ସେଥିରେ ନିମ୍ବ ପତ୍ରଗୁଣ୍ଡ, ହଳଦୀଗୁଣ୍ଡ, କଳାଜିରା ଆଦି ବ୍ୟବହାର କରାଯାଇଥାଏ।

ବହୁ ପୁରାତନ ତାଳପତ୍ର ପୋଥିରେ ଆପେ ଆପେ ଏକପ୍ରକାରର ଉଷ୍ମଜ କୀଟ ସୃଷ୍ଟି ହେଉଥିବାରୁ ତା' କବଳରୁ ରକ୍ଷାପାଇବା ପାଇଁ ପୋଥିଗୁଡ଼ିକୁ ଲାଲକନାରେ ଗୁଡ଼ାଇ ରଖାଯାଇଥାଏ। ଏଥିପାଇଁ ପୋଥିଭଣ୍ଡାରକୁ ନିର୍ଦ୍ଦିଷ୍ଟ ତାପମାତ୍ରାର ଆବଶ୍ୟକତା ରହିଛି। ଏପରି ପୋଥିଭଣ୍ଡାର କକ୍ଷଭିତରକୁ କୌଣସି ଖାଦ୍ୟପଦାର୍ଥ ନେବାକୁ ବାରଣ କରାଯାଇଥାଏ। ବର୍ତ୍ତମାନ ବୈଜ୍ଞାନିକ ପ୍ରଣାଳୀରେ ପୋଥିର ସୁରକ୍ଷା ପାଇଁ କେତେକ କେମିକାଲ ଉପଚାର କରାଯାଉଛି। ଏପରି କି (ପାରାଡ୍ରାଇକ୍ଲୁରାଳ ବେଞ୍ଜିନ)ରେକ୍ଟିଫାଏଡ଼ ସ୍ପିରିଟ୍ ମିଶାଇ ପୋଥିଗୁଡ଼ିକୁ ସ୍ପ୍ରେ କରାଯାଇଥାଏ। ଜାତୀୟ ପାଣ୍ଡୁଲିପି ମିଶନ ନୂଆଦିଲୀଙ୍କ ଉଦ୍ୟମରେ ପୋଥି ସଂରକ୍ଷଣ ଓ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି।

**ଓଡ଼ିଶାରେ ପୋଥି:** ପ୍ରଫେସର ଡକ୍ଟର ବଂଶୀଧର ମହାନ୍ତି 'ଓଡ଼ିଆ ସାହିତ୍ୟର ଇତିହାସ' ପୁସ୍ତକରେ ଉଲ୍ଲେଖ କରିଛନ୍ତି– ଓଡ଼ିଶାରେ ପ୍ରାୟ ୬ଷ୍ଠ/୭ମ ଶତାବ୍ଦୀ ବେଳକୁ ତାଳପତ୍ର ପୋଥି ଲେଖାର ପରମ୍ପରା ଆରମ୍ଭ ହୋଇଥିବା କେତେକ ଗବେଷଣାରୁ ଜଣାପଡ଼େ। ପୂର୍ବେ ଶ୍ରୀମନ୍ଦିରରେ ଲିଖିତ ମାଦଳାପାଞ୍ଜି, ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ମାଳିକା, ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ, ସାରଳା ଦାସଙ୍କ ମହାଭାରତ ଆଦି ବହୁ ବିରଳ ତାଳପତ୍ର ପୋଥିଥିବାର ସୂଚନାମିଳେ। କେତେକ ପୋଥିରେ ଚିତ୍ର ସହିତ ଲେଖାମାନ ରହିଛି। ଯଥା– ଆର୍ତ୍ତତ୍ରାଣ ଚଉତିଶା, ଗୀତଗୋବିନ୍ଦ ଓ ଉଷାଭିଳାଷ। ବିଶେଷକରି ଓଡ଼ିଶାର ଅବିଭକ୍ତ ପୁରୀ ଓ ଗଞ୍ଜାମ ଜିଲାରୁ ବହୁଳ ତାଳପତ୍ର ପୋଥି ମିଳିଥିବା ବେଳେ ଅନ୍ୟ ଜିଲାଗୁଡ଼ିକରେ ଲୁକାୟିତ ରହିଥିବା ପୋଥିକୁ ପୁନରୁଦ୍ଧାର,

→





ସଂରକ୍ଷଣ ଓ ସୁରକ୍ଷିତ ରଖିବା ପାଇଁ ଏହି ବିଷୟରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

**ଦେଶ ବିଦେଶରେ ପୋଥି:** ପୋଥିର ଇତିହାସ ବହୁ ପ୍ରାଚୀନ। ତେବେ ପୂର୍ବକାଳରେ ଶିଳାଲିପି, ତାମ୍ରଲିପି ଓ ରୌପ୍ୟଲିପିର ପ୍ରଚଳନ ହେଉଥିଲା। ସମୟକ୍ରମେ ତାଳପତ୍ର ଉପରେ ଲିଖନ ଓ ଚିତ୍ରର ପ୍ରଚଳନ ହୋଇଥିଲା। କେତେକ ଗବେଷଣାରୁ ଜଣାପଡ଼ିଛି, ପ୍ରଥମେ ଦକ୍ଷିଣ ଏସିଆର ଲୋକମାନେ ତାଳପତ୍ରରେ ଲେଖିବା ଆରମ୍ଭ କରିଥିଲେ। ସେହିପରି ବ୍ରହ୍ମଦେଶ, ଶ୍ରୀଲଙ୍କା, ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆ ଆଦି ବିଭିନ୍ନ ଦେଶର କେତେକ ଅଧିବାସୀ ସୁନ୍ଦର ସୁନ୍ଦର ଚିତ୍ର ଅଙ୍କନ କରିଥାନ୍ତି । ପୃଥିବୀର ଏପରି ଅନେକ ଦେଶରେ ଏପରି ପୋଥିର ବ୍ୟବହାର ହୋଇଥିବା ଜଣାପଡ଼େ। ତାଳପତ୍ର ପୋଥିରୁ ବହୁ ପ୍ରାଚୀନ ତଥ୍ୟ ମିଳେ।

**ତାଳପତ୍ରରେ କଳାକୃତି:** ଓଡ଼ିଶାର ଶିଳ୍ପୀ ବିଭିନ୍ନ ପାରମ୍ପରିକ ଚିତ୍ର ଅଙ୍କନ କରି ଓଡ଼ିଶା କଳାସଂସ୍କୃତିକୁ ସମୃଦ୍ଧ କରିଛନ୍ତି। ପୁରୀ ଜିଲାର ଐତିହ୍ୟ ଗ୍ରାମ ରଘୁରାଜପୁରର ତାଳପତ୍ର ଖୋଦେଇ ଚିତ୍ରଶିଳ୍ପୀମାନେ ମହାଭାରତ, କୃଷ୍ଣଲୀଳା, ରାମାୟଣ ପରି ବିଭିନ୍ନ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଚିତ୍ରକୁ ତାଳପତ୍ରରେ ଲିଖନ ଦ୍ୱାରା ଖୋଦେଇକରି ଦେଶୀୟ ପଦ୍ଧତିରେ ରଙ୍ଗଦେଇ ସୁନ୍ଦର ସୁନ୍ଦର ଚିତ୍ର ଅଙ୍କନ କରିଥାନ୍ତି। ଏହି ଅଞ୍ଚଳର ଜାତୀୟସ୍ତରୀୟ ପୁରସ୍କାରପ୍ରାପ୍ତ ତାଳପତ୍ର ଖୋଦେଇ ଚିତ୍ରଶିଳ୍ପୀ ବିଶ୍ୱନାଥ ସ୍ୱାଇଁ କୁହନ୍ତି, ଆଜକୁ ପ୍ରାୟ ୧୯୮୫ମସିହାରୁ ଏହି କାମ କରିଆସୁଛି। ଏଥିରେ ମୋ ପରିବାରର ଅନ୍ୟମାନେ ମଧ୍ୟ ସାମିଲ ହୋଇଛନ୍ତି। ଏହା ବ୍ୟତୀତ କେତେକ ପୁଅଝିଅ ମଧ୍ୟ ତାଳପତ୍ର ଖୋଦେଇ ଚିତ୍ର ଶିକ୍ଷାର ତାଲିମ ନେଉଛନ୍ତି। ଏହି ଗାଁରେ କେତେକ ଶିଳ୍ପୀ ଜୀବିକାଭାବେ ଏହି କାର୍ଯ୍ୟ ଚଳାଉଛନ୍ତି। ବଳଙ୍ଗା, ଡେଲାଙ୍ଗ, ସାକ୍ଷୀଗୋପାଳ ଆଦି ବିଭିନ୍ନ ଅଞ୍ଚଳରୁ ତାଳପତ୍ର କିଣିଆଣିବାକୁ ପଡ଼ିଥାଏ। ପ୍ରଥମେ ତାଳପତ୍ରକୁ ସଂଗ୍ରହକରି ତାକୁ ସାଇଜ୍‌କରି କାଟି ଖରାରେ ସୁଖାଇ ଥାଉ। ପରେ ନିମ୍ବପତ୍ର ପାଣିଫୁଟାଇ ସେହି ତାଳପତ୍ରକୁ ଭିଜେଇ ଦେଉ । ଆବଶ୍ୟକ ଚିତ୍ର ପାଇଁ ସୂତାରେ ତାଳପତ୍ରକୁ ବାନ୍ଧିଥାଉ। ପରେ ମାପ ଅନୁସାରେ ତାଳପତ୍ରରେ ଡ୍ରଇଁ କରାଯାଇଥାଏ। ଲିଖନରେ ଚିତ୍ରକୁ ଖୋଦେଇ କରି କଇଥ ଅଠାକୁ ବ୍ୟବହାର କରାଯାଇଥାଏ। ଦେଶୀୟ ରଙ୍ଗଭାବେ ଶଙ୍ଖ, ହେଙ୍ଗୁଳା, ହରତାଳ, ଗେରୁ ଓ ପୋଲାଙ୍ଗ ତେଲରେ ଜଳାଯାଇଥିବା ବଳିତାର କଳାକୁ ବ୍ୟବହାର କରିଥାଉ। ଗୋଟିଏ ବିଷୟବସ୍ତୁର ଚିତ୍ର ତିଆରି ପାଇଁ ଜଣେ କାରିଗରକୁ ମାପଅନୁସାରେ ନିର୍ଦ୍ଦିଷ୍ଟ ଦିନ ଲାଗେ। ପ୍ରସ୍ତୁତ ତାଳପତ୍ର ଚିତ୍ରକୁ ବିକ୍ରି ପାଇଁ ରଘୁରାଜପୁର ସମେତ ବିଭିନ୍ନ ହସ୍ତଚିତ୍ର ଶିଳ୍ପ ମେଳାକୁ ନିଆଯାଇଥାଏ। ଏପରି କି ଦିଲ୍ଲୀ, ବମ୍ବେ, ପୁରୀ, ଭୁବନେଶ୍ୱର ଆଦି ସ୍ଥାନରେ ବିକ୍ରି ହୋଇଥାଏ। ପ୍ରାୟ ଗୋଟିଏ ଗୋଟିଏ ତାଳପତ୍ର ଚିତ୍ରର ମୂଲ୍ୟ ୨ଶହଟଙ୍କାରୁ ଆରମ୍ଭକରି ୨୦ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଇଥାଏ। ଏହି ପରମ୍ପରାକୁ ବଞ୍ଚେଇବାର ପ୍ରୟାସ ଚାଲୁ ରଖିଛୁ। ଏଥିଯୋଗୁ ରଘୁରାଜପୁରକୁ ଶିଳ୍ପୀ ଗ୍ରାମର ମାନ୍ୟତା ମିଳିଛି।

**ତାଳର ଔଷଧୀୟଗୁଣ:** କଞ୍ଚାରେ ତାଳଫଳକୁ ତାଳସଜ ଏବଂ ପାଚିଲା ତାଳରେ କେହି କେହି ପିଠାକରି ଖାଇଥାନ୍ତି। ଡାକ୍ତର ତ୍ରୈଲୋକନାଥ ମହାରଣା କୁହନ୍ତି,



କେଦାରେଶ୍ୱର ମିଶ୍ର

ତାଳ ବେଶ୍ ସୁଆଦିଆ,ତାଳଗୁଡ଼ ଶକ୍ତିବର୍ଦ୍ଧକ, ଏଥିରେ ପ୍ରୋଟିନ, ଶ୍ୱେତସାର ରହିଛି।.

**ଜାତକ,ପାଞ୍ଜି ପାଇଁ ଲୋଡ଼ାପଡ଼େ:** ଦିନଥିଲା ପୁରାଣଶାସ୍ତ୍ର ଏବଂ ରାଜାରାଜୁଡ଼ା ସମୟରେ ଚିଟାଉ ପାଇଁ ଯେ କେବଳ ତାଳପତ୍ର ସଂଗ୍ରହ କରାଯାଉଥିଲା ତା' ନୁହେଁ ବରଂ ଜାତକ, ପୋଥି ଓ ପଞ୍ଜିକା ଆଦି କାର୍ଯ୍ୟପାଇଁ ଏହାକୁ ଖୋଜାପଡୁଥିଲା। ସେହିପରି ତାଳପତ୍ର ଛତା ଓ ବିଞ୍ଚଣାର ବହୁଳ ବ୍ୟବହାର ଯୋଗୁ ଏପରି ସାମଗ୍ରୀର ଖୁବ୍ ଚାହିଦା ଓ ପରିଚିତି ଥିଲା । ଆଜିକାଲି ଏହାକୁ କେହି କେହି ସୌଖୀନ ନିମନ୍ତ୍ରଣପତ୍ର ରୂପେ ବ୍ୟବହୃତ କରିଥାନ୍ତି।

**ପର୍ବପର୍ବାଣିରେ ଖୋଜାହୁଏ:** କଥାରେ ଅଛି ଓଡ଼ିଶାରେ ବାରମାସରେ ତେରପର୍ବ । ତେବେ ଅକ୍ଷୟତୃତୀୟାରେ ଜମି ଅନୁକୂଳ ହେଉ କି ସାବିତ୍ରୀ ଅମାବାସ୍ୟା। ସେତେବେଳେ ପୂଜା ପାଇଁ ଲୋଡ଼ାପଡ଼େ ତାଳ। ପୁଣି ବିଭିନ୍ନ ସମୟରେ ମେଳା, ଉତ୍ସବ ଓ ଶୋଭାଯାତ୍ରା ପାଇଁ ତାଳଫୋଟକା ତିଆରି କାରିଗରମାନଙ୍କୁ କେହିକେହି ଲୋଡ଼ିଥାନ୍ତି। ଏହି କାରିଗରମାନେ ତାଳପତ୍ରରେ କିଛି ବାରୁଦ ରଖି ତାଳଫୋଟକା ତିଆରି କରିଥାନ୍ତି। ଏହାଦ୍ୱାରା ଏମାନେ ନିଜ ରୋଜଗାର ଖୋରାକକୁ ଉଠାଇଥାନ୍ତି। ମାତ୍ର ଏହି ବିପଜ୍ଜନକ ତାଳଫୋଟକା ତିଆରି କାର୍ଯ୍ୟ ପ୍ରତି ସର୍ବଦା ସର୍ତକତା ଅବଲମ୍ବନ କରିବା ଅତି ଜରୁରୀ ହୋଇପଡ଼ିଛି।

**ଉଚ୍ଚ ତାଳଗଛ ଆକାଶ ଛୁଏଁ, ବାୟାର ବସା ଦୋହଲୁ ଥାଏ:** ବାୟାଚଢେଇ ଉଚ୍ଚ ତାଳଗଛପତ୍ରରେ ବସାବାନ୍ଧି ରହିଥାଏ । ଯେତେ ଝଡ଼ବର୍ଷା ହେଲେ ବି ତା' ବସା ଛିଡ଼େନାହିଁ। ତାଳଗଛ ଖୁବ୍‌ଶକ୍ତ ହୋଇଥିବାରୁ ସେଥିରେ କେହି କେହି ନାଳ ରାସ୍ତା ପାରହେବାକୁ ତାଳଦଣ୍ଡା ପକାଇ ଗମନାଗମନର ସୁବିଧା କରିଥାନ୍ତି। ପୁରୀ ଜିଲା ଶ୍ରୀରାମଚନ୍ଦପୁର ଗ୍ରା.ପ. ଅଧୀନ ନହଳା ଗାଁର ଭୀମସେନ ବେହେରା କୁହନ୍ତି, ବାପ ଅଜା ଅମଳରୁ ଆମର କୌଳିକବୃତ୍ତି ଭାବେ ଆଖପାଖ ଗାଁର ତାଳଗଛରୁ ତାଳବରଡ଼ା ଓ ସେଥିରୁ ପତ୍ର ବାହାରକରି ବିକ୍ରି କରିଥାଉ। ପରିବାରରେ ଅନ୍ୟମାନେ ତାଳପତ୍ରରେ ତାଳଭୋଗେଇ,ଟାଙ୍ଗୁଡ଼ି ବୁଣି ବିକ୍ରିକରିଥାନ୍ତି ତଥାପି ପରିବାର ଚଳେଇବା କଷ୍ଟକର ହୋଇପଡ଼େ। କିନ୍ତୁ ପୂର୍ବର ସେଭଳି ପୁରୁଣା ତାଳ ଗଛନାହିଁ । ଏବେ ବିଲହିଡ଼ ରାସ୍ତାକଡ଼ରେ ତାଳଗଛ ଲଗାଇଛି । ସେହି ତାଳଗଛଗୁଡ଼ିକ ବଡ଼ ହେଲାବେଳକୁ ମୋର ବୟସ ସରିଯାଇଥିବ। କିନ୍ତୁ ତାଳଗଛ ଛୋଟ ସମୟରୁ ହିଁ ତାଳବରଡ଼ା ଓ ପତ୍ର କାମରେ ଲାଗିଥାଏ। ରାମଚନ୍ଦ୍ର ବେହେରା କୁହନ୍ତି, ତାଳଗଛ ନିଲାମକରି ଯାହାକିଛି ବାହୁଙ୍ଗା ପତ୍ର ସଂଗ୍ରହ କରିଥାଉ ସେଥିରେ ବିଞ୍ଚଣା, ପଖିଆ, ଛତା ଓ ଖେଳଣା ତିଆରିକରି ବିକ୍ରି କରାଯାଇଥାଏ। କିନ୍ତୁ ପରିଶ୍ରମ ତୁଳନାରେ ମୂଲ୍ୟ ମିଳେନା। ଡେରିକି, ସିଦ୍ଧ ମହାବୀର, ଘୋଷଡ଼ାପଡ଼ା, କହ୍ନେଇବିଧାରପୁର, ଶିଙ୍ଘାକୁଦା ଆଦି ଅନେକ ଗାଁରେ କେତେକ ତାଳପତ୍ର ଭୋଗେଇ କାରିଗର ଅଛନ୍ତି। କେତେକ ପରିବେଶବିତ୍‌ଙ୍କ ଗବେଷଣାରୁ ଜଣାପଡ଼ିଛି ଯେ, ଗୋଟିଏ ତାଳଗଛ ପ୍ରାୟ ୨ଶହ ବର୍ଷଯାଏ ବଞ୍ଚିଥାଏ। କୋଡିଏ ବର୍ଷରେ ଫଳ ଆସେ ସେଥିପାଇଁ ଲୋକକଥା ରହିଛି-ବାପା ଲଗେଇବେ ତାଳ, ପୁଅର ଯିବକାଳ। ନାତିଖାଇବ ଫଳ।

**-ବନବିହାରୀ ବେହେରା**
**କିଶୋରଚନ୍ଦ୍ର ମହାପାତ୍ର**













# ଲୋକ ସଂଗୀତରେ ସୁବାସିତ-ସୁବାସ

**ଲୋ**କକଳା, ନାଟକ ହେଉକି ଗୀତିନାଟ୍ୟ କିମ୍ବା ଚଳଚ୍ଚିତ୍ର, ତାଙ୍କର ସଂଗୀତ ନିର୍ଦ୍ଦେଶନା ସବୁଥିରେ ବେଶ୍ ବାରି ହୋଇପଡ଼େ । ସଙ୍ଗୀତ କ୍ଷେତ୍ରରେ ବି ତାଙ୍କର ରହିଛି ଦକ୍ଷତା। ଆଜକୁ ପ୍ରାୟ ତିନି ଦଶନ୍ଧି ତଳେ ଏକ ଓଡ଼ିଆ ଚଳଚ୍ଚିତ୍ର ଗୀତର ସ୍ୱରକୁ ସେ ସଂଯୋଜନା କରି ସାଧାରଣରେ ଖୁବ୍ ପରିଚିତ ହୋଇପାରିଥିଲେ। ଅନେକଙ୍କ ମୁଖରୁ ଶୁଣିବାକୁ ମିଳୁଥିଲା 'ତୁ ମୋ ସ୍ୱପ୍ନର ସୁନେଲି ସନ୍ଧ୍ୟା, ରଜନୀ ଗନ୍ଧା।' ଏହି ଗୀତର ସ୍ୱର ସଂଯୋଜନାରେ ଥିଲେ ରାମହରି ଓ ସୁବାସ । ତେବେ ସଙ୍ଗୀତ ନିର୍ଦ୍ଦେଶକ ସୁବାସ ରାମଙ୍କ ଜନ୍ମ ଭଦ୍ରକ ଜିଲାର ନରିପୁର ଗାଁରେ। ପିତା ରାମକୃଷ୍ଣ ରାମ, ମା' ଦୁର୍ଗାଦାସୀ ରାମ । ସେ କୁହନ୍ତି, ମୋ ବାପା ଥିଲେ ଜଣେ ଛୋଟ ବ୍ୟବସାୟୀ। କିନ୍ତୁ ମା' ମୋତେ କଣ୍ଠଶିଳ୍ପୀ ଭାବେ ଦେଖିବାକୁ ଚାହୁଁଥିଲେ। ସେଥିପାଇଁ ସେ ୭୫ଟଙ୍କାରେ ଗୋଟିଏ ପୁରୁଣା ହାରମୋନିୟମ କିଣି ଦେଇଥିଲେ। ସେଥିରେ ପ୍ରାୟ ୧୯୭୬ ମସିହାରୁ ସଙ୍ଗୀତ ଶିକ୍ଷା କରିଥିଲି। ଭଦ୍ରକର ପୁରାତନ ଅନୁଷ୍ଠାନ ମନମୋହନ ସଙ୍ଗୀତ ପରିଷଦରେ ଶିକ୍ଷାଲାଭ କରିଥିଲି। ସ୍ୱର୍ଗତ ଗୁରୁଶ୍ରୀ ମୁରଲୀଧର ଗିରି ଥିଲେ ମୋର ସଙ୍ଗୀତ ଗୁରୁ । ନରିପୁର ପ୍ରାଥମିକ ସ୍କୁଲ ଶିକ୍ଷାପରେ ବଙ୍ଗସାହି ସ୍କୁଲ ଓ ଭଦ୍ରକ ହାଇସ୍କୁଲରେ ପଢିଲି। ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ସଙ୍ଗୀତ କ୍ଷେତ୍ରରେ କିଛି କିଛି ଶିକ୍ଷା ପାଇସାରିଥାଏ। ଯୁକ୍ତ୨ ବେଳକୁ ସଙ୍ଗୀତ କମ୍ପୋଜିଶନ ଶିଖି ସାରିଥିଲି। କେତୋଟି ଦେଶାତ୍ମବୋଧକ ଗୀତ, ଗୀତିନାଟ୍ୟ ଆଦିରେ କମ୍ପୋଜିଶନ କରିପାରିଥିଲି। ମୋର ପ୍ରଥମ ଚଳଚ୍ଚିତ୍ର ଗୀତଥିଲା ରଜନୀଗନ୍ଧା। ଏହି ଚଳଚ୍ଚିତ୍ରର ପ୍ରଯୋଜକ ଥିଲେ ବଟକୃଷ୍ଣ ନାୟକ । ବାରିପଦାରେ ତାଙ୍କ ସହ ଦେଖା ହୋଇଥିଲି। ପ୍ରଥମେ ସେ ତାଙ୍କ ଚଳଚ୍ଚିତ୍ରରେ ମୋତେ ସୁଯୋଗ ଦେଇଥିଲେ। ଏହି ଚଳଚ୍ଚିତ୍ରରେ ୭ଟି ଗୀତ ଥିଲା। ସମୟକ୍ରମେ ସୁନୀଲ ରାଉତଙ୍କ ସୁନା ପାଲିଙ୍କି ଓ ତୁଳସୀରେ ମ୍ୟୁଜିକ କମ୍ପୋଜିଶନ କରିଥିଲି।ମୋ ସଙ୍ଗୀତ ଜୀବନଥିଲା ସଂଘର୍ଷମୟ। ଶିକ୍ଷାଗତ ଭାବେ ସ୍ନାତକ, ସଙ୍ଗୀତରେ ମାଷ୍ଟରଡିଗ୍ରୀ ଓ ଗୋଲ୍ଡ ମେଡାଲିଷ୍ଟ। କଟକ କେନ୍ଦ୍ରୀୟ ବିଦ୍ୟାଳୟରେ ସଂଗୀତ ଅଧ୍ୟାପକ ଭାବରେ କାର୍ଯ୍ୟକରିଛି । ପ୍ରାୟ ୨୫ରୁ ଅଧିକ ଗୀତିନାଟ୍ୟରେ ସଂଗୀତ ନିର୍ଦ୍ଦେଶନା ଓ ଅଭିନୟ କରିଛି। ମୋଗଲ ତାମସାରେ ପ୍ରାୟ ୩୫ ବର୍ଷଧରି ସଂଗୀତ ନିର୍ଦ୍ଦେଶନା ଦେଇଛି। ଏପରିକି ପ୍ରାୟ ୫ଟି ଭାଷାରେ କଣ୍ଠଦାନ ବି କରିଛି। ୭୦ରୁ ଅଧିକ ଯାତ୍ରା ଅପେରା ସହିତ ୧୨ଟି ଚଳଚ୍ଚିତ୍ର, ୨୫ଟି ଆଲବମରେ ସଂଗୀତ ନିର୍ଦ୍ଦେଶନା ଦେଇଛି। ଏକାଧିକ ଦେଶାତ୍ମକ, ନାରୀ ଜାଗରଣ ଓ ପରିବେଶ ସୁରକ୍ଷା ସମ୍ପର୍କିତ ଚଳଚ୍ଚିତ୍ରରେ ସ୍ୱର ସଂଯୋଜନା କରିପାରିଛି। ରଜନୀଗନ୍ଧା, ପୁଅ ମୋର ଭୋଳାଶଙ୍କର, ସୁନା ପାଲିଙ୍କି, ଲାଲ ଟୁକୁଟୁକୁ ସାଧବବୋହୂ, ଏଇ ମିଳନ ଯୁଗ ଯୁଗର, ସଞ୍ଜ ଆସେ ପ୍ରିୟାକୁନେଇ ଆଦି ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେଇଛି। ୧୯୯୦ରେ ଓଡ଼ିଶା ସଂସ୍କୃତି ବିଭାଗ ତରଫରୁ ରଜନୀଗନ୍ଧା ଚଳଚ୍ଚିତ୍ରର ଶ୍ରେଷ୍ଠସଙ୍ଗୀତ ନିର୍ଦ୍ଦେଶକ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ପିଲାଙ୍କ ପାଠ୍ୟକ୍ରମରେ ଥିବା ଗୀତଗୁଡ଼ିକୁ ହିନ୍ଦୀରେ କମ୍ପୋଜିଶନ କରିଥିବାରୁ ଇନୋଭେଟିଭ ଭାବେ ଜାତୀୟ ପୁରସ୍କାର, ୨୦୧୨ ସଂଗୀତ ଅଧ୍ୟାପନା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲି। ନୀଳଚକ୍ର ପୁରସ୍କାର, ଶାରଳା ପୁରସ୍କାର, ଚନ୍ଦ୍ରଭାଗା ଆୱାର୍ଡ, ମହାବୀର ଟେଲିପ୍ରଡ଼କଶନ ଆୱାର୍ଡ ୨୦୧୦,ମାୟାନଗରୀ ଆୱାର୍ଡ, କେନ୍ଦ୍ରୀୟବିଦ୍ୟାଳୟ ଆଞ୍ଚଳିକ ଆୱାର୍ଡ, ବିଶାଖାପାଟଣା ଉତ୍କଳ ସାଂସ୍କୃତିକ ସମାଜ ଏବଂ ମୂର୍ଚ୍ଛନା ସାଂସ୍କୃତିକ ଆଦି ଅନେକ ସଂସ୍ଥାରୁ ସମ୍ମାନ ମିଳିଛି । .ଦିଲ୍ଲୀରେ 'ଏକ ଭାରତ ଶ୍ରେଷ୍ଠ ଭାରତ' ରେ ପ୍ରାୟ ୫୦ଜଣ ଛାତ୍ରୀଙ୍କୁ ନେଇ ସୁନ୍ଦର କାର୍ଯ୍ୟକ୍ରମ କରିପାରିଥିଲୁ। ଓଡ଼ିଶା ବ୍ୟତୀତ ଦିଲ୍ଲୀ, ଚେନ୍ନାଇ, ମଣିପୁର, ଝାଡ଼ଖଣ୍ଡ, କେରଳ, ହାଇଦ୍ରାବାଦ, ରାଜସ୍ଥାନ, କଲିକତା,ଜୟପୁର, ମଣିପୁର, ଆସାମ, ରାୟପୁର, ଗ୍ୱାଲିଅର ଆଦିସ୍ଥାନରେ ସଙ୍ଗୀତ କାର୍ଯ୍ୟକ୍ରମ କରିଛି। ଅନ୍ୟପକ୍ଷେ ସହଧର୍ମିଣୀ ଉର୍ମିଳା ସାହୁ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ, କେନ୍ଦ୍ରୀୟବିଦ୍ୟାଳୟର ପ୍ରଶିକ୍ଷିକା। ମୋ ଝିଅ ରାଗେଶ୍ରୀ ତନୟା ଜଣେ କଣ୍ଠଶିଳ୍ପୀ ଓ ନୃତ୍ୟଶିଳ୍ପୀ। ସମସ୍ତଙ୍କ ସାହାଯ୍ୟ ସହଯୋଗରୁ ଆଜି ଏହି ସ୍ଥାନରେ ପହଞ୍ଚିପାରିଛି। ଆଗାମୀ ପିଢିର କଳାପ୍ରେମୀଙ୍କୁ ଅନୁରୋଧ ଓଡ଼ିଆ ଚଳଚ୍ଚିତ୍ର ଦେଖନ୍ତୁ। ନିଜ ରାଜ୍ୟର ଭାଷା ସଂଗୀତକୁ ପ୍ରାଧାନ୍ୟ ଦିଅନ୍ତୁ।

**-ବନବିହାରୀ**

**ଲୋକକଳା, ନାଟକ କି ଗୀତିନାଟ୍ୟ କିମ୍ବା ଚଳଚ୍ଚିତ୍ରରେ ତାଙ୍କର ସଂଗୀତ ନିର୍ଦ୍ଦେଶନା ବେଶ୍ ବାରି ହୋଇପଡ଼େ । ସଙ୍ଗୀତ କ୍ଷେତ୍ରରେ ବି ତାଙ୍କର ରହିଛି ଦକ୍ଷତା। ଆଜକୁ ପ୍ରାୟ ତିନି ଦଶନ୍ଧି ତଳେ ଏକ ଓଡ଼ିଆ ଚଳଚ୍ଚିତ୍ର ଗୀତର ସ୍ୱରକୁ ସେ ସଂଯୋଜନା କରି ସାଧାରଣରେ ଖୁବ୍ ପରିଚିତ ହୋଇପାରିଥିଲେ..**







## ଇ-ମେଲ୍

-ରିଙ୍କୁ ଚୌଧୁରୀ

ଅନ୍ଧାରକୁ କିଳିଦେଇ ବାରିପଟ ଦରଜା
କ’ଣ ତମେ ସ୍ୱପ୍ନରେ !
ନା ସ୍ୱପ୍ନ ଭଙ୍ଗର ଡିପ୍ରେସନରେ

କ’ଣ ତମେ କାଲି ରାତି ବର୍ଷାରେ
ଫୁଲଟିଏ ହୋଇ ଫୁଟିଛ !
କାହା ଚାଟ୍ ବକ୍ସରେ
ନା ତମେ ୟୁଟ୍ୟୁବରେ !

ତମେ ପାର୍କରେ
ନା ପାର୍କିଂରେ !
ପ୍ରଜାପତିର ପଂଖଧରି ତମେ ବୁଲୁନ ତ !
ଶପିଂମଲରେ ।

ତମେ ସମୁଦ୍ର ପତନଠାରୁ ଉର୍ଦ୍ଧ୍ୱରେ
ଏକ ନିର୍ଜନ ଶାଳବଣରେ
ନା, ଫ୍ରକ୍ ପିନ୍ଧି ଧାଉଁଛ
ଜୁଆର ଭଟ୍ଟାରେ ! କେଉଁ ଏକ
ବେଳାଭୂମିରେ

ତମେ ଜୀବନ ଖୋଜି ବାହାରିନ ତ !
ଦିଗ୍‌ବଳୟ ସେପାଖେ, ମେଟ୍ରୋରେ
ତମେ ‘ସ୍ପା’ରେ, ନା ଶୋକସଭାରେ
ତମେ ସିଗାରେଟ୍ ପିଉନ ତ ! ବସି
ପ୍ରେମିକର ସମାଧିପୀଠରେ ।

ତମେ କୋଉଠି !
ରିକ୍ସାରେ ନା କଳା ବୁର୍ଖାରେ
ବାର୍‌ରେ ନା ଥିଏଟର୍‌ରେ
ବିରହରେ ନା ପ୍ରଣୟରେ
ତମ ଛାଇ ଭାଙ୍ଗିରୁଜି ଶୋଇରହେ
ମୋ ବାଲକୋନୀରେ

ମୁଁ ଉଷୁମ ଆଖିରେ
ଏମିତି ଖୋଜୁଥାଏ ତମକୁ ସାରା ରାତି
ଖୁବ ନିରଳୋରେ, ଇନବକ୍ସରେ... ।

*-କାଲଟା ଲୌହ ଖଣି, ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ (ସେଲ), କାଲଟା*
*ମୋ-୯୪୩୯୨୯୪୪୦୯*

# ଅନ୍ଧାର

-ଦିଲିପ କୁମାର ବିଶ୍ୱାଳ

ଡିବିର ମିଞ୍ଜି ମିଞ୍ଜି ଆଲୁଅରେ ମୁଁ ବେଶି ରାତିଯାଏ ପାଠ ପଢ଼ିଲେ ବୋଉ ବାରଣ କରୁଥିଲା । କହୁଥିଲା, ରାତି ଅଧପହର ହେଲାଣି ସେତିକି ପଢ଼, ସେ ଡିବିରୁ ସବୁ ତେଲ ସରିଯିବ । କାଲିକୁ କ’ଣ ପଢ଼ିବୁ ? ମୁଁ ବୋଉର ଆକଟରେ ବହି ବନ୍ଦ କରି ଦେଉଥିଲି । ଆଉ ଡିବିକୁ ଫୁଙ୍କି ଲିଭାଇ ଦେଇ ଶୋଇପଡ଼େ । ପ୍ରତ୍ୟେକ ଦୀପାବଳିରେ ମହମବତି ଓ ବାଣ ପାଇଁ ବୋଉ ପାଖରେ ଅଳି କରେ, ଭୋ... ଭୋ... ହୋଇ କାନ୍ଦେ । ଆମ ଅନ୍ଧାରିଆ ଝରକା ଫାଙ୍କରୁ ମୁଁ ଦେଖୁଥିଲି ଆମ ପଡ଼ିଶା ଘର ଦୁଆରେ କ୍ୟାଣ୍ଡେଲ ଓ ଦୀପ ଧାଡ଼ି ଧାଡ଼ି ହୋଇ ଜଳୁଥିଲା । ଆମ ଘର ଦୁଆରେ ବୋଉ ଗୋଟିଏ ଦୀପ ସଳିତା ଜାଳି ଦେଉଥିଲା । ଦୀପରେ ମାତ୍ର ଗୋଟିଏ ଚାମଚ ଘିଅ ଥିବାରୁ ତାହା ଅଳ୍ପ ସମୟ ମଧ୍ୟରେ ଲିଭି ଯାଉଥିଲା । ମୋ ସାଙ୍ଗମାନେ ତାଳଫୋଟକା, ଫୁଲଝରି, ଚକ୍ରି, ହାବେଲି ଆଦି ଭଳିକି ଭଳି ବାଣ ଫୁଟାଉଥିଲେ । ବୋଉ ଝରକାବନ୍ଦ କରିଦେଇ କହୁଥିଲା ବାପା ବାବୁ ଘରୁ ଆସିଲାବେଳେ ତୋ ପାଇଁ ବାଣ ଆଉ ମହମବତି ନେଇ ଆସିବେ । ବାପା ଆସୁଥିଲେ, ଯେତେବେଳେ ବାବୁ ଘର ପିଲାମାନେ ବାଣ ଫୁଟାଇ ଫୁଟାଇ ଥକି ପଡ଼ନ୍ତି, ସେମାନଙ୍କର ବଳକା ବାଣ ଅଧାପୋଡ଼ା ମହମବତି ଧରି ବାପା ଫେରନ୍ତି । ସେତେବେଳକୁ ମୁଁ ଶୋଇ ପଡ଼ିଥାଏ । ବୋଉ ସେସବୁ ମହମବତିକୁ ସାଇତି ରଖେ । ଯେଉଁଦିନ ଡିବିରୁ କିରୋସିନ ସରି ଯାଇଥାଏ, ବୋଉ ସେଇ ଅଧାପୋଡ଼ା ମହମବତି ଲଗାଇ ଦିଏ ମୁଁ ପାଠପଢ଼େ । ସେ ଅନ୍ଧାର ଘରୁ ମୁଁ ଆଲୋକର ସ୍ୱପ୍ନ ଦେଖେ ।

ଆଜି ମୁଁ ପୂର୍ବତଟ ରେଳପଥର ଉଚ୍ଚପଦସ୍ଥ ଅଧିକାରୀ, ମୁମ୍ବାଇର ବାନ୍ଦ୍ରା ସହରରେ ମୋର ତିନି ମହଲା ଫ୍ଲାଟ୍ । ଏବେ ପ୍ରତ୍ୟେକ ବର୍ଷ ମୁଁ ଦୀପାବଳିକୁ ଜବରଦସ୍ତ ସେଲିବ୍ରେଟ କରେ । ମୋ ଫ୍ଲାଟକୁ ନାଲି, ନୀଳ, ସବୁଜ ରଙ୍ଗର ଲିଟୁ ବଲ୍‌ବ ଓ ହାଲୋଜିନ୍ ଲଗାଇ ଆଲୋକିତ କରେ । ମୋ ପିଲାଦିନର ଦାରିଦ୍ର୍ୟଠାରୁ ପ୍ରତିଶୋଧ ନେବାପାଇଁ ହଜାର ହଜାର ଟଙ୍କାର ବାଣ ଫୁଟାଇ ପୋଡ଼ିଦିଏ । ଶୈଶବର ସଙ୍କଟକୁ ମୁହଁତୋଡ଼ ଜବାବ ଦିଏ... କିନ୍ତୁ ମୋର ଏ ଆଲୋକର ଉତ୍ସବକୁ ଦେଖିବାକୁ ମୋ ପାଖରେ ମୋ ବାପା ବୋଉ ନ ଥିଲେ । ଅନେକ ଦିନ ହେବ ସେମାନେ ମୋତେ ଛାଡ଼ି ଆକାଶକୁ ଚାଲିଗଲେଣି । ସେମାନେ କୁଆଡ଼େ ସେଇ ଆକାଶରେ ରହୁଛନ୍ତି । ସେଥିପାଇଁ ମୁଁ ପ୍ରତ୍ୟେକ ଦୀପାବଳିର ଅଧ ରାତିରେ ଛପି ଛପି ଛାତ ଉପରକୁ ଚାଲିଆସେ । ଛିଡ଼ାହେଇ ଆକାଶକୁ ଅନାଏ । ଆଉ ଭୋଭୋ ହୋଇ କାନ୍ଦେ ।

***-ସମ୍ପାଦକ, ଓଡ଼ିଶା ମିରର***
*ମୋ- ୯୮୬୧୫୬୭୯୪୩*



## ଲୁହ

-ରାଧାମୋହନ ପାଣିଗ୍ରାହୀ

ବଡ଼ ବିଚିତ୍ର ଏ ଲୁହ
ଦୁଃଖରେ ସାଥୀ ହୁଏ
ସୁଖରେ ବି ।

ଆସିଯାଏ ବିନା ଡ଼ାକରାରେ
ଆଖି ଆଉ ଆତ୍ମା ସହ
ଅନ୍ତରଙ୍ଗ ହୋଇ
ଫେରିଯାଏ ଅନୁଭୂତିକୁ
ଗଦେଇ , ଖେଳେଇ ।

ଫାଙ୍କି କି ହୁଏ ତା ଅସ୍ତିତ୍ୱ
ସେ ତ ଜୀବନର
ଅନ୍ତଃସ୍ରୋତା ନଈ ।

**-ପଦ୍ମପୁର,ରାୟଗଡ଼,**
ମୋ-୭୨୦୫୧୨୬୯୫୧



# ଅନନ୍ୟାଙ୍କ ଆଶା

କଥାରେ ଅଛି ଆଶା ଅସୁମାରି। ହେଲେ ସବୁ ଆଶା ତ ପୂରଣ ହୁଏନା। ତଥାପି କେତେକେ ନିଜ ଆଶା ପୂରଣ ପାଇଁ ଅପେକ୍ଷା କରିବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥାଆନ୍ତି। ଦେଖୁନାହାନ୍ତି, ନିଜର ଏଭଳି ଏକ ଆଶା ଦିନେ ନା ଦିନେ ପୂରଣ ହେବ ବୋଲି ଅନନ୍ୟା ପାଣ୍ଡେ କେମିତି ଚାହିଁ ବସିଛନ୍ତି। ନିକଟରେ ତାଙ୍କ ଅଭିନୀତ 'ଖାଲି ପିଲି' ହିଟ୍ ହୋଇଛି। ଆଉ ତା'ପରେ ଅନନ୍ୟାଙ୍କ ଖୁସି ଦେଖେ କିଏ ? ଏଣିକି ଭିନ୍ନ ଭିନ୍ନ ଭୂମିକାରେ ସେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ବିଶେଷଭାବରେ ଆକ୍ସନ-କମେଡି ଭୂମିକାରେ ଆକ୍ଟିଂ କରିବାକୁ ତାଙ୍କର ଇଚ୍ଛା ରହିଛି। ଏ ସମ୍ପର୍କରେ ଅନନ୍ୟା କହନ୍ତି, ''ସବୁବେଳେ ଗୋଟିଏ ପ୍ରକାର ଭୂମିକାରେ ଅଭିନୟ କଲେ କିଛି ଲାଭ ନାହିଁ। ରୋଲ୍‌ରେ ଭେରାଇଟି ରହିଲେ ତାହା ଦର୍ଶକଙ୍କୁ ପ୍ରଭାବିତ କରିଥାଏ। ଏବେ ତ ରୋମାଣ୍ଟିକ ଭୂମିକାରେ ଅଭିନୟ କରିସାରିଲିଣି। ଏଣିକି କମେଡି ହେଉ କି ଆକ୍ସନ ରୋଲଟିଏ ପାଇଁ ଆଶା ରହିଛି। ମୁଁ ଚାହିଁଲେ ତ ହେବ ନାହିଁ, ସେପରି ଅଫର ମିଳିଲେ ହେଲା।'' ତେବେ ଅନନ୍ୟାଙ୍କର ଏହି ଆଶା କେବେ ପୂରଣ ହେଉଛି ତାହା ଆଗାମୀ ସମୟ ହିଁ କହିବ।



ଅନନ୍ୟା

# ଏବେ ବି ଭାବୁଛନ୍ତି ଜାହ୍ନବୀ



ରଣବୀର ସିଂଙ୍କ 'ଶିମ୍ବା'ରେ କିଏ ନାୟିକା ହେବ ଏ ନେଇ ନିର୍ଦ୍ଦେଶକ ରୋହିତ ସେଟ୍ଟି ଅଡୁଆରେ ପଡିଥିଲେ। ଏ ନେଇ ପ୍ରଥମେ ଶ୍ରୀଦେବୀ ତନୟା ଜାହ୍ନବୀଙ୍କ ବିଷୟରେ ଚିନ୍ତା କରାଯାଇଥିଲା। ଏପରି କି ଉକ୍ତ ବିଷୟରେ ତାଙ୍କ ସହ ଆଲୋଚନା ହୋଇଥିଲା। ହେଲେ କିଛି ଦିନ ପରେ ଜାହ୍ନବୀ ନିଜ ପଟରୁ କାଷ୍ଟିଂରୁ ଓହରି ଯାଇଥିଲେ। ତା'ପରେ ସାରା ଅଲ୍ଲୀ ଖାଁଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ସେ ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। ହେଲେ ଏବେ ସେପରି ଏକ ଅଫର ହାତଛଡା କରିଥିବାରୁ ଜାହ୍ନବୀ ଅନୁତାପ କରୁଛନ୍ତି। ଏ ବିଷୟରେ ଜାହ୍ନବୀ କହନ୍ତି, ''ସେତେବେଳେ ମୁଁ ଏପରି ଏକ ଅଫରକୁ ହାତଛଡା କରିଥିଲି। କାରଣ ଏହାର କାହାଣୀ ଉପରେ ମୋର ଭରସା ଆସି ନ ଥିଲା। କିନ୍ତୁ ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିଥିଲେ। ଏପରି ଫିଲ୍ମରେ ଆକ୍ଟିଂ କରିବାକୁ ମନା କରିଦେଲି ସିନା ହେଲେ ସେଥିପାଇଁ ରଣବୀରଙ୍କ ପରି ଅଭିନେତାଙ୍କ ସହ ଅଭିନୟ ଏବଂ ରୋହିତଙ୍କ ପରି ନିର୍ଦ୍ଦେଶକଙ୍କ ଅଧୀନରେ କାମ କରିବା ଚାନ୍ସ ହରାଇଥିଲି। ଏଥିପାଇଁ ଏବେ ବି ମୁଁ ଅନୁତାପ କରୁଛି।''

# ସିନେମା ହିଟ୍ ହେବା ପାଇଁ...



ଏକାଧାରରେ ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା ରାଜ କପୁର। ତାଙ୍କ ପ୍ରଯୋଜିତ, ଅଭିନୀତ ଏବଂ ନିର୍ଦ୍ଦେଶିତ ସିନେମାଗୁଡିକ ଦର୍ଶକଙ୍କୁ ଦେଇଥିଲା ଭିନ୍ନ ସ୍ୱାଦର ମନୋରଞ୍ଜନ। ଏବେ ମଧ୍ୟ ରାଜ୍‌ଙ୍କ କେତେକ ସିନେମାକୁ ବାରମ୍ବାର ଦେଖିବାକୁ ଅନେକ ଇଚ୍ଛା କରିଥାଆନ୍ତି। ତେବେ ନିଜର ସିନେମା କିପରି ହିଟ୍ ହେବ ସେ ନେଇ ସେ ତ ସ୍ୱତନ୍ତ୍ର ଯୋଜନା କରୁଥିଲେ। ଫିଲ୍ମର କାହାଣୀ, ସଙ୍ଗୀତ, ଉପସ୍ଥାପନାକୁ ସେ ଏପରି ଗୁରୁତ୍ୱ ଦେଉଥିଲେ ଯେ ଫିଲ୍ମଗୁଡିକ ଦେଖିଲେ ତାହା ଜଣକୁ ବେଶ୍ ପ୍ରଭାବିତ କରୁଥିଲା। ହେଲେ ତାଙ୍କ ନିର୍ଦ୍ଦେଶିତ 'ସତ୍ୟମ୍ ଶିବମ ସୁନ୍ଦରମ୍' (୧୯୭୮) କିପରି ହିଟ୍ ହେବ ସେଥିପାଇଁ ସେ ଏକ ଅଭିନବ ଯୋଜନା କରିଥିଲେ। ଏହାର ଶୁଟିଂ ସମୟରୁ ସେ ସମ୍ପୂର୍ଣ୍ଣ ଶାକାହାରୀ ପାଲଟି ଯାଇଥିଲେ। କାରଣ କେତେକ ପୁରାତନ କଥାକୁ ସେ ବିଶ୍ୱାସ କରୁଥିଲେ। ଶାହାକାରୀ ରହିଲେ ଗୋଟିଏ ସିନେମା ହିଟ୍ ହେବ ବୋଲି ତାଙ୍କ ମନକୁ ଆସିଥିଲା। ଏହି ଫିଲ୍ମରେ ଶଶୀ କପୁର, ଜିନତ୍ ଅମନ ଏବଂ ପଦ୍ମିନୀ କୋହ୍ଲାପୁରି ଅଭିନୟ କରିଥିଲେ।

# ପକେଟ୍ ମନି ପାଇଁ

ବଲିଉଡ୍‌ର ଆଗଧାଡିର ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁତ୍ର ବରୁଣ ଧାୱନ। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରୁ ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ପିଲାଦିନେ ବରୁଣ ଭାରି ଦୁଷ୍ଟ ଥିଲେ। ଇଂଲଣ୍ଡସ୍ଥିତ ନଟିଂହାମ ଟ୍ରେଣ୍ଟ ୟୁନିଭର୍ସିଟିରୁ ସେ ବିଜନେସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିଛନ୍ତି। ଏପରି କି ସେଠାରେ ପକେଟ ମନି ପାଇଁ ବରୁଣ ଏକ ଲିଫଲେଟ୍ କମ୍ପାନୀ ଡିଷ୍ଟ୍ରିବ୍ୟୁଟର ଭାବରେ କିଛି ଦିନ କାମ କରିଥିଲେ। ହେଲେ ଆକ୍ଟିଂ ଲାଇନ୍‌କୁ ଆସିବା ପୂର୍ବରୁ ସେ ଜଣଙ୍କୁ ନିଜର ଆକ୍ଟିଂ ଗୁରୁ ଭାବରେ ଗ୍ରହଣ କରିଥିଲେ। ସେ ଆଉ କେହି ନୁହନ୍ତି, ହିନ୍ଦୀ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତା ଗୋବିନ୍ଦା। ଏପରି କି ଗୋବିନ୍ଦାଙ୍କ ଅଭିନୀତ ସମସ୍ତ ସିନେମା ସେ ଦେଖିସାରିଛନ୍ତି। ଏ ସମ୍ପର୍କରେ ବରୁଣ କହନ୍ତି, 'ଗୋବିନ୍ଦାଙ୍କ ଅଭିନୟ ମୋତେ ବେଶ୍ ପ୍ରଭାବିତ କରିଛି। ତାଙ୍କ ଅଭିନୀତ ସମସ୍ତ ସିନେମା ମୁଁ ଦେଖିସାରିଛି। ବଲିଉଡ୍‌ରେ ମୁଁ ଡେଭିଡ୍‌ଙ୍କ ପୁଅର ପରିଚୟ ନେଇ ନୁହେଁ, ଜଣେ ଭଲ ଅଭିନେତା ଭାବରେ ଦର୍ଶକଙ୍କ ନିକଟରେ ରହିବାକୁ ଚାହେଁ।' ସୂଚନାଯୋଗ୍ୟ ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ ବରୁଣ-ସାରା ଅଲ୍ଲୀ ଖାଁ ଅଭିନୀତ ରିମେକ୍ ଫିଲ୍ମ 'କୁଲି ନଂ ୧' ରିଲିଜ ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ ଅନୁରାଗ ସିଂଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଯାଉଥିବା ନୂଆ ହିନ୍ଦୀ ସିନେମା 'ସନ୍‌କି'ରେ ସେ ନାୟକ ସାଜିବେ।



ବରୁଣ

# ଟେନ୍‌ସନ୍‌ରେ ଦିଶା

ଦିଶା ପଟାନିଙ୍କ ଟେନସନ ବଢ଼ିଯାଇଛି। କାହିଁକି ଜାଣନ୍ତି ? ଯୁଆଡେ ଗଲେ ତାଙ୍କୁ ଗୋଟିଏ ଜିନିଷ ଉପରେ ସଫେଇ ଦେବାକୁ ପଡୁଛି। ଆଉ ଏ ବିଷୟରେ କହି କହି ସେ ଚିଡି ଗଲେଣି। କଥା କ'ଣ କି ଟାଇଗର ଶ୍ରଫ ଏବଂ ଦିଶାଙ୍କ ପ୍ରେମ କାହାଣୀ କାହାକୁ ଅଛପା ନୁହେଁ। ହେଲେ ବିଲେଇ ଲୁଚି ଲୁଚି କ୍ଷୀର ପିଇବା ପରି ଏହି ପ୍ରେମ ସମ୍ପର୍କକୁ ସ୍ୱୀକାର କରିବାକୁ ବୋଧହୁଏ ଦିଶା ନାରାଜ। ତେଣୁ ଟାଇଗରଙ୍କ ସହ ତାଙ୍କର ଫ୍ରେଣ୍ଡଶିପ୍ ଅଛି ବୋଲି କହି ବୁଲୁଛନ୍ତି। ନିକଟରେ ଏ ସମ୍ପର୍କରେ ସଫେଇ ଦେଇ ଦିଶା କହନ୍ତି, ''ଟାଇଗର ଏବଂ ମୋ ଭିତରେ ବନ୍ଧୁତା ରହିଛି। ତାଙ୍କ ସହ ମୋର ପ୍ରେମ ସମ୍ପର୍କ ନାହିଁ, ସେ ମୋର ଜଣେ ଭଲ ବନ୍ଧୁ। ଆମ ଦୁଇ ଜଣଙ୍କ ବନ୍ଧୁତାକୁ ନେଇ ଅନେକ ଆଲୋଚନା ହେଉଛି, ହେଲେ ତାକୁ ନେଇ ମୁଁ ଆଦୌ ବିଚଳିତ ନୁହେଁ। ହେଲେ କେହି କେହି ଏହାକୁ ପ୍ରେମର ରଙ୍ଗ ଦେଉଛନ୍ତି, ଯାହା ଆଦୌ ଠିକ୍ ନୁହେଁ। ତେବେ ଏହି କଥାରେ ସେ କେତେଦିନ ଦୃଢ଼ ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା।''



# କିଆରାଙ୍କ ପ୍ରଶଂସାରେ ଅକ୍ଷୟ

'ଲକ୍ଷ୍ମୀ' ପରେ ପୁଣି ଥରେ କିଆରା-ଅକ୍ଷୟ ଯୋଡିକୁ ବଡ ପରଦାରେ ଦର୍ଶକ ଦେଖିବାକୁ ପାଇବେ। ତେବେ ଏହି ନୂଆ ସିନେମାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଖିଲାଡି ମାଷ୍ଟର। କଥା କେବଳ ସେତିକିରେ ସୀମିତ ରହିନାହିଁ। ଏବେ କିଆରାଙ୍କ ପ୍ରଶଂସାରେ ଅକ୍ଷୟ ଶତମୁଖ। ''କିଆରା ଜଣେ ଏପରି ଅଭିନେତ୍ରୀ ଯିଏ ଯେ କୌଣସି ଭୂମିକା ତୁଲାଇ ପାରିବେ। 'ଲକ୍ଷ୍ମୀ'ରେ ତାଙ୍କର ଅଭିନୟ ମୋତେ ବେଶ୍ ପ୍ରଭାବିତ କରିଛି। ପୁଣି ଆଉ ଥରେ ସେ ମୋ ସହ ଅଭିନୟ କରିବାକୁ ଯାଉଛନ୍ତି। ଏଥର ଆମ ଯୋଡି କେତେ ହିଟ୍ ହେଉଛି ତାହା ଦର୍ଶକଙ୍କ ଉପରେ ନିର୍ଭର କରେ ବୋଲି କହିଛନ୍ତି ଅକ୍ଷୟ।'' ସେପଟେ କିଆରା କୋଉ ଛାଡିବାର ? ସେ ମଧ୍ୟ ଅକ୍ଷୟଙ୍କୁ ପ୍ରଶଂସା କରିବାକୁ ପଛାଇ ନାହାନ୍ତି। ଏ ନେଇ କିଆରା କହନ୍ତି, ''ଅକ୍ଷୟଙ୍କ ପରି ଜଣେ ଅଲରାଉଣ୍ଡର ଅଭିନେତାଙ୍କ ସହ କାମ କରିବା ଭାଗ୍ୟରେ ଥିଲେ ମିଳେ। ଅଭିନୟ ବିଷୟରେ ତାଙ୍କଠାରୁ ଅନେକ କିଛି ଶିଖିଛି। ଏବେ ପୁଣି ଥରେ ଅକ୍ଷୟଙ୍କ ସହ ସ୍କ୍ରିନ୍ ଶେୟାର କରିବି। ଏ ନେଇ ପ୍ରଯୋଜକଙ୍କୁ ଯେତେ ଧନ୍ୟବାଦ ଦେଲେ ତାହା କମ୍ ହେବ।''



# ଟିକିଏ ଛାଇ ଅଳପ ଖରା, ସିଆଣି ସୁନ୍ଦରୀ ନ ଦିଏ ଧରା

**ପ୍ରଶ୍ନ**–ମୋତେ ମନପସନ୍ଦର ସାଥୀଟିଏ ଏ ପର୍ଯ୍ୟନ୍ତ ମିଳିନି। କେମିତି ମିଳିବ ତାହାର ଉପାୟ ମୋତେ ବତାଇବେ କି ?

*–ସୁଧୀର କୁମାର, ବଡବିଲ, କେଉଁଝର*

**ଉତ୍ତର :** ବେଳେବେଳେ ମନପସନ୍ଦର ସାଥୀଟିଏ ହାତ ପାଆନ୍ତାରେ ମିଳିଯାଇଥାଏ। ପୁଣି କେତେବେଳେ ଏଥିପାଇଁ ବେଶ୍ କସରତ କରିବାକୁ ପଡେ। ତେବେ ମନପସନ୍ଦର ସାଥୀଟିଏ ଚଏସ୍ କରିବା ପୂର୍ବରୁ ସେ ନେଇ ମନ ଭିତରେ ଥିବା ଆବିଳତାକୁ ଦୂର କରନ୍ତୁ। ନିର୍ମଳ ମନରେ ଦୃଢ଼ ମନୋବଳ ସହ ଆଗାନ୍ତୁ। ଦେଖିବେ ଦିନେ ନା ଦିନେ ଆପଣଙ୍କର ଏହି ମିଶନ ସକ୍‌ସେସ୍ ହେବ।

**ପ୍ରଶ୍ନ**–ସେ ମୋ ସ୍ୱପ୍ନ ସୁନ୍ଦରୀ। ହେଲେ ଯେତେ ଚେଷ୍ଟା କଲେ ସେ ମୋତେ ଧରାଦେଉନି। କ'ଣ କରିବି ?

*–ପୂର୍ଣ୍ଣଚନ୍ଦ୍ର ଦାସ, ସୁନାବେଡ଼ା, କୋରାପୁଟ*

**ଉତ୍ତର :** ଆପଣ ସପନ ରାଇଜରେ ଭାସି ବୁଲୁନାହାନ୍ତି ତ ? କାରଣ ଯଦି ସେ ଆପଣଙ୍କ ପାଖରେ ଥାଆନ୍ତା ତେବେ 'ସେ ମୋତେ ଧରାଦେଉନି' ବୋଲି ପ୍ରଶ୍ନ ଆପଣଙ୍କ ମନରେ ଉଙ୍କି ମାରି ନ ଥାନ୍ତା। ଅବଶ୍ୟ ପ୍ରେମିକା-ପ୍ରେମିକ ଭିତରେ ଏପରି ଲୁଚକାଳି ଖେଳରୁ ସେହି ପ୍ରେମ କେତେ ଗାଢ଼ ଜଣାପଡିଥାଏ। ଏମିତି ବି ହୋଇପାରେ ଆପଣଙ୍କ ପ୍ରେମିକା ଜଣେ ସିଆଣି। ଆଉ ସେ ଆପଣଙ୍କ ସହ ଏମିତି ଲୁଚକାଳି ଖେଳ ଖେଳି ପ୍ରେମର ମଜା ନେଉଛି। କାରଣ 'ଟିକିଏ ଛାଇ ଅଳପ ଖରା, ସିଆଣି ପ୍ରେମିକା ନ ଦିଏ ଧରା।' ବାସ୍, ଯଦି ସେ ମିଛିମିଛିକା ଆପଣଙ୍କ ସହ ଲୁଚକାଳି ଖେଳ ଖେଳୁଛି, ତେବେ ତାକୁ ନେଇ ଟେନ୍‌ସନ ହେଉଛନ୍ତି କିଆଁ ?

**ପ୍ରଶ୍ନ**–ମୁଁ ସେହି ଝିଅକୁ ମନ ପ୍ରାଣ ଦେଇ ଭଲ ପାଉଛି। ହେଲେ ସେ ମୋତେ ତା' ମନ ପ୍ରାଣ ଦେଇ ଭଲ ପାଉଛି କି ନାହିଁ କେମିତି ଜାଣିବି ?

*–ତାପସ କୁମାର, ପୁରୀ*

**ଉତ୍ତର :** ଆପଣ ସେହି ଝିଅକୁ ମନ ପ୍ରାଣ ଦେଇ ଭଲ ପାଉଛନ୍ତି, ହେଲେ ସେ ଝିଅ ଆପଣଙ୍କୁ ପ୍ରେମ କରୁଛି କି ନାହିଁ ତାହା ଜାଣିନାହାନ୍ତି। ଏଥିରୁ ଯାହା ଜଣାପଡୁଛି ଏହା ପୂରା ୱାନ-ସାଇଡ୍ ଆଫେୟାର୍ସ ! ଦୁଇଟି ମନ ଯଦି ଭଲ ଭାବରେ ନ ମିଶିଲା ତେବେ ସେହି ପ୍ରେମ ଯେତେ ଆଗକୁ ବଢ଼ିଲେ କ'ଣ ହେବ ସେଥିରୁ ଭଲ ଫଳ ଆଶା କରିବା ବୃଥା। ମନକୁ ମନ ଯଦି ଆପଣ ଏମିତି ଆପଣଙ୍କ ପ୍ରେମର ଗାଡିକୁ ଏକାମୁହାଁ ହୋଇ ଚଲାନ୍ତି ତେବେ ଲାଭ କ'ଣ ହେବ କହିଲେ ? ପ୍ରଥମେ ନିଜ ମନର ମାନସୀ ହୃଦୟରେ ଏପରି ଘରଟିଏ କରନ୍ତୁ, ଯାହା ଭିତରେ କେବଳ ଆପଣ ହିଁ ସବୁଦିନ ପାଇଁ ରହିଥିବେ। ଆଉ ଏମିତି ଅଲଣା ପ୍ରେମ କଲେ ତାହା ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ସେଥିରେ ଧୋକା ଖାଇବାର ଚାନ୍ସ ଅଧିକ ଥାଏ।

**ପ୍ରଶ୍ନ**–କଥାରେ ଅଛି 'କର୍ମ କରିଚାଲ ଫଳକୁ ଆଶା କରନା।' ମୁଁ ତ ଗୋଟିଏ ପରେ ଗୋଟିଏ ଝିଅକୁ ପ୍ରେମ ନିବେଦନ କରିଚାଲିଛି। ହେଲେ ସେଥିରେ ତ କାହିଁକି ସଫଳ ହେଉନି ?

*–ଦେବେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ା*

**ଉତ୍ତର :** ଏମିତି ହେଲେ ମଣିଷ ଯାହା ଚାହାନ୍ତା ତାହା କରିପାରନ୍ତା। କୌଣସି କାମ କରିବା ପୂର୍ବରୁ ତାହାକୁ ଯୋଜନା ମୁତାବକ ତୁଲାଇବାକୁ ପଡିଥାଏ। ପୁଣି ନିଜ ସାମର୍ଥ୍ୟ ଅନୁସାରେ କାମ କଲେ ତାହା ବୋଝ ସଦୃଶ ଲାଗି ନ ଥାଏ। ବାକି ରହିଲା ପ୍ରେମ କରିବା କଥା। ଆଖିବୁଜି ପ୍ରେମ ରାସ୍ତାରେ ଆଗେଇଲେ ଝୁଣ୍ଟିବା ସାର। ପୁଣି ଏପରି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯାଏ ତାହା କେହି ବି କେବେ କଳ୍ପନା କରି ନ ଥାଏ। ତେଣୁ ଦେଖି ଚାହିଁ ଏହି ରାସ୍ତାରେ ପାଦ ପକାନ୍ତୁ। ଏମିତି ତୀର ମାରନ୍ତୁ ଯେ ଯେମିତି ସୁନ୍ଦରୀ ଝିଅଟି ଆପଣଙ୍କ ପ୍ରେମ ଫାଶରେ ବାନ୍ଧି ହୋଇଯିବ।




ପ୍ରଥମ ରୋଜଗାର



ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସଙ୍ଗୀତ ବିଶାରଦ **ମୋତିଲାଲ୍ ଦୋରା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

## ଦରମା ଟଙ୍କା ମୋ ଚଳିବାରେ ଖର୍ଚ୍ଚ ହେଇଯାଉଥିଲା

**ବ**ଲାଙ୍ଗୀର ଜିଲ୍ଲାର ସୁର୍ଦାଠାରେ ମୋର ଜନ୍ମ। ପିଲାଦିନରୁ ନୃତ୍ୟ, ସଙ୍ଗୀତ, ଗୀତିନାଟ୍ୟ ଓ ରାମଲୀଳା ଆଦିରେ ଅଭିନୟ କରିବାର ସଉକ ଥିଲା। ତାସହିତ ଚିତ୍ର ଆଙ୍କିବା, ମୂର୍ତ୍ତି ତିଆରି କରିବା କାର୍ଯ୍ୟ ବି ବେଶ୍ ନିଖୁଣ ଭାବେ କରି ଦେଉଥିଲି। କିନ୍ତୁ ଏଥିପାଇଁ ମୁଁ କୌଣସି ବିଧିବଦ୍ଧ ଶିକ୍ଷା ନେଇ ନ ଥିଲି। ସ୍ଥାନୀୟ ଲୋକ କଳାକାରଙ୍କୁ ଅନୁକରଣ କରି ହୁଏତ ଏହି କଳା ମୋ ଭିତରେ ଆପେଆପେ ଆସିଯାଇଥିଲା। କେବଳ କଳା ନୁହେଁ ପାଠରେ ବି ଖୁବ୍ ଭଲ ଥିଲି। ହେଲେ ଆର୍ଥିକ ଦୁରାବସ୍ଥା ତଥା ପାରିବାରିକ ସମସ୍ୟା ପାଇଁ ମୋ ପାଠପଢାରେ ବି ବହୁ ବାଧା ଉପୁଜିଥିଲା। ସମୟକ୍ରମେ ବଲାଙ୍ଗୀରରେ କିଛି ବର୍ଷ, ବରଗଡରେ କିଛି ବର୍ଷ ଆଉ ସମ୍ବଲପୁରରେ ରହି ବହୁ କଷ୍ଟରେ ମୁଁ ପାଠପଢି ବି.ଏ, ବି.ଇଡି ପାସ୍ କରିଥିଲି। ତା'ସହିତ ବିଧିବଦ୍ଧ ଭାବେ ସଙ୍ଗୀତ ଶିକ୍ଷା ବି କରିଥିଲି। ଅବଶ୍ୟ ତା'ଭିତରେ ମୁଁ ଦୁଇଟି ସ୍ଥାନରେ ଶିକ୍ଷକତା କରିଥିଲେ ମଧ୍ୟ ସେଠାରୁ ଆଖି ଦୃଶିଆ ସେମିତି କିଛି ଦରମା ପାଉ ନ ଥିଲି। ବି.ଇଡି ପାସ୍ କରିବା ପରେ ୧୯୭୮ ମସିହାରେ ମୋତେ ରେଢାଖୋଲ ବ୍ଲକ୍ ଅନ୍ତର୍ଗତ ଭରତାପୁର ସରକାରୀ ଏମ୍.ଇ ସ୍କୁଲ୍‌ରେ ପ୍ରଧାନଶିକ୍ଷକ ଭାବେ ଚାକିରି ମିଳିଲା। ୪୦୦ ଟଙ୍କା ଥିଲା ମୋର ପ୍ରଥମ ଦରମା। ସେତେବେଳେ ଅବିବାହିତ ଥିଲି। ଡ୍ରାମାରେ ଅଭିନୟ କରିବା, ନିର୍ଦ୍ଦେଶନା ଦେବା, ନୃତ୍ୟ ପରିବେଷଣ କରିବା, ଗୀତ ରଚନା କରିବା ଓ ଗାଇବା, ବାଜା ବଜାଇବା ଆଦି କାର୍ଯ୍ୟରେ ନିଜକୁ ହଜାଇ ଦେଉଥିଲି। ଆଜି ଏଠିକି ତ କାଲି ସେଠିକି ଯିବାକୁ ପଡୁଥିଲା। ତେଣୁ ଦରମା ଟଙ୍କା ମୋର ଖାଇବାପିଇବା, ଯା'ଆସ କରିବା ଆଉ ନିତ୍ୟ ଚଳଣିରେ ସରି ଯାଉଥିଲା। ତେବେ ଚାକିରି କାଳରେ ବିଭିନ୍ନ ସ୍ଥାନକୁ ବଦଳି ହୋଇ ଶେଷରେ ୨୦୦୮ ମସିହାରେ ସମ୍ବଲପୁର ଦଳେଇପଡାର ଶ୍ରୀ ଗୁରୁରାଡି ଏମ୍.ଇ ସ୍କୁଲରୁ ପ୍ରଧାନ ଶିକ୍ଷକ ଭାବେ ଚାକିରିରୁ ଅବସର ନେଇଥିଲି। ତେବେ ଜଣେ ଆଦର୍ଶ ପ୍ରଧାନଶିକ୍ଷକ ଭାବେ ମୋତେ ରାଜ୍ୟ ତଥା ରାଷ୍ଟ୍ରୀୟ ସମ୍ମାନ ମିଳିଛି। ତା'ଛଡା ହିନ୍ଦୁସ୍ଥାନୀ ସଙ୍ଗୀତରେ ବିଶାରଦ କରିଥିଲେ ବି ଓଡିଆ ସୁଗମ ସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ ଓ ସମ୍ବଲପୁରୀ ଲୋକ ସଙ୍ଗୀତ ମଧ୍ୟ ପରିବେଷଣ କରିପାରୁଛି। ଏଥିପାଇଁ ସମ୍ବଲପୁର ଆକାଶବାଣୀରୁ ବି ନାଟ୍ୟଶିଳ୍ପୀ ଏବଂ ଗାୟକ-ଗୀତିକାର (ଉଭୟ ଓଡିଆ ସୁଗମ ସଙ୍ଗୀତ ଓ ସମ୍ବଲପୁରୀ ଲୋକ ସଙ୍ଗୀତ) ଭାବେ ସ୍ୱୀକୃତି ମିଳିଛି। କେବଳ ଏତିକି ନୁହେଁ ମୁଁ ଅନେକ ମଞ୍ଚରେ ସଙ୍ଗୀତ ପରିବେଷଣ, ନାଟକରେ ଅଭିନୟ ଓ ନିର୍ଦ୍ଦେଶନା ତଥା ପାର୍ଶ୍ୱ ସଙ୍ଗୀତରେ ନିର୍ଦ୍ଦେଶନା ମଧ୍ୟ ଦେଇଛି। ସେହିପରି ଲୋକସଙ୍ଗୀତ(ସମ୍ବଲପୁରୀ) ପାଇଁ ମୋତେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ପୁରସ୍କୃତ ବି କରାଯାଇଛି। ଏତଦ୍‌ବ୍ୟତିତ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳସଙ୍ଗୀତ – 'ବିଶ୍ୱ ଦେଖ ମଧୁମୟ' ପାଇଁ ସ୍ୱର ସଂଯୋଜନା ଏବଂ ସଙ୍ଗୀତ ନିର୍ଦ୍ଦେଶନାର ସୌଭାଗ୍ୟ ବି ମୁଁ ପାଇଛି। ଏବେ ମୋର ସମୟ ପିଲାମାନଙ୍କୁ ସଙ୍ଗୀତ ଶିକ୍ଷା ଦେବାରେ ବିତୁଛି। ତେବେ ଜୀବନରେ ମୋତେ ଯେଉଁ ସଫଳତା ମିଳିଛି, ତା' ପଛରେ ଭଗବାନଙ୍କ କରୁଣା, ବାପାମା', ଶିକ୍ଷକ-ଗୁରୁ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କର ଆଶୀର୍ବାଦ ଓ ପ୍ରେରଣା ରହିଥିବାରୁ ମୁଁ ସେମାନଙ୍କ ଠାରେ ଚିର କୃତଜ୍ଞ।

–ଅସ୍ମିତା

# ଅଜବ ଅଳଙ୍କାର







**ନାରୀ ହୁଅନ୍ତୁ ବା ପୁରୁଷ ସମସ୍ତଙ୍କୁ ଅଳଙ୍କାର ପିନ୍ଧିବାକୁ ଭଲ ଲାଗେ । ଅଳଙ୍କାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ଆମେ ସାଧାରଣତଃ ସୁନା, ରୁପା କିମ୍ବା ବିଭିନ୍ନ ଧାତୁ ନିର୍ମିତ ଗହଣା ଆଦି ବ୍ୟବହାର କରିଥାଉ । କିନ୍ତୁ ଏମିତି ବି ଅନେକ ଗହଣା ଅଛି, ଯାହା ପଶୁଙ୍କ ଚମଡ଼ା, ପକ୍ଷୀଙ୍କ ପର, ଶାମୁକା, ମାଟି ଆଦିରେ ତିଆରି କରାଯାଇଥାଏ...**

.................................

➔**ବ୍ରଚ୍ ଗଛର କାଠରେ ଗହଣା :** ବ୍ରିଚ୍ ଗଛ ସାଧାରଣତଃ ମସଲା ଜାତୀୟ ଗଛ । ଏହି ଗଛର କାଠ ଶକ୍ତ ଓ ଧଳା ରଙ୍ଗର ହୋଇଥାଏ । ସେଥିପାଇଁ ଏହି ଗଛର କାଠରେ ବିଭିନ୍ନ ଡିଜାଇନ୍‌ର ହାର, କାନଫୁଲ, ମୁଦି, ବ୍ରେସ୍‌ଲେଟ୍ ଆଦି ଅଳଙ୍କାର ତିଆରି କରାଯାଇଥାଏ ।

➔**ହାଡରେ ଅଳଙ୍କାର :** ସାଧାରଣତଃ ଗାଈ, ମଇଁଷି, ହରିଣ, ଛେଳି, ଓଟ ଆଦି ପ୍ରାଣୀଙ୍କ ହାଡରେ ବିଭିନ୍ନ ପ୍ରକାର ଅଳଙ୍କାର ପ୍ରସ୍ତୁତ କରାଯାଇଥାଏ । ବିଷେଶକରି ସେମାନଙ୍କର ଶିଙ୍ଗ ଓ ଗୋଡ ହାଡରେ ଅଳଙ୍କାର ତିଆରି କରାଯାଇଥାଏ । ଆଫ୍ରିକାର ଲୋକମାନଙ୍କୁ ହାଡରେ ତିଆରି ଅଳଙ୍କାର ବେଶ୍ ପସନ୍ଦ ।

➔**ହିପୋପୋଟାମସ୍ ଦାନ୍ତରେ ବ୍ରେସ୍‌ଲେଟ୍ :** ହିପୋପୋଟାମସ୍‌ର ବଡ ମଜଭୁତ୍ ଦାନ୍ତରେ ସୁନ୍ଦର ବ୍ରେସ୍‌ଲେଟ୍ ତିଆରି କରାଯାଇଥାଏ । ଏହା ଦେଖିବାକୁ ଯେତିକି ସୁନ୍ଦର ସେତିକି ଦାମୀ ମଧ୍ୟ ହୋଇଥାଏ ।

➔**ମୟୂର ପରରେ କାନଫୁଲ :** ମୟୂର ଦେଖିବାକୁ ଯେତିକି ସୁନ୍ଦର, ତା'ର ପର ମଧ୍ୟ ସେତିକି ଆକର୍ଷଣୀୟ । ସେଥିପାଇଁ ମହିଳାମାନେ ମୟୂର ପରରେ ନିର୍ମିତ ଡିଜାଇନ୍ କାନଫୁଲକୁ ବହୁତ ପସନ୍ଦ କରନ୍ତି ।

➔**ମଣିଷର କେଶରେ ବ୍ରେସ୍‌ଲେଟ୍ :** ମଣିଷର କେଶରେ ଗହଣା ତିଆରି କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସମ୍ଭବ । କେଶରେ ନକଲି କେଶ ବା ୱିଗ୍ ତିଆରି କରାଯାଇଥାଏ କିନ୍ତୁ ଏଥିରେ ବ୍ରେସ୍‌ଲେଟ୍ ତିଆରି କରାଯାଇ ପାରେ । ଏହା ଦେଖିବାକୁ ମଧ୍ୟ ବହୁତ ଆକର୍ଷଣୀୟ ହୋଇଥାଏ।

➔**ଲେଦରର ଅଳଙ୍କାର :** ଲେଦର ବା ଚମଡାରେ ଜୋତା, ବ୍ୟାଗ୍, ପର୍ସ, ବେଲ୍ଟ ଆଦି ତିଆରି ଜିନିଷକୁ ଲୋକମାନେ ବହୁତ ପସନ୍ଦ କରନ୍ତି । ଏବେ ଲେଦରରେ ବିଭିନ୍ନ ଡିଜାଇନ୍ ହାର, କାନଫୁଲ, ବ୍ରେସ୍‌ଲେଟ ମଧ୍ୟ ତିଆରି କରାଯାଇଥାଏ । ଏବେର ଯୁବ ପିଢିଙ୍କ ମଧ୍ୟରେ ଏସବୁର ଚାହିଦା ବହୁତ ।

➔**ଅନାଶ ଫୁଲରେ ଗହଣା :** ଅନାଶ ଫୁଲ ଏକ ମସଲା ଅଟେ । ଏହା ଦେଖିବାକୁ ତାରା ଆକୃତିର । ଏଥିରେ ତିଆରି ଅଳଙ୍କାର ଦେଖିବାକୁ ଖୁବ୍ ସୁନ୍ଦର ଓ ମନଲୋଭା । ଅନାଶ ଫୁଲରେ ହାର, କାନଫୁଲ ଆଦି ତିଆରି କରାଯାଇଥାଏ ।

➔**ମାଟି ଅଳଙ୍କାର:** ବହୁ ପୁରୁଣା ଯୁଗରୁ ମାଟିରେ ନିର୍ମିତ ଅଳଙ୍କାରର ବ୍ୟବହାର ଦେଖିବାକୁ ମିଳେ। ଆଉ ଆଜି ମଧ୍ୟ ମାଟିରେ ନିର୍ମିତ ଅଳଙ୍କାରକୁ ଫ୍ୟାଶନେବୁଲ୍ ଗହଣାଭାବରେ ବ୍ୟବହାର କରାଯାଉଛି।











ସୋନମ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ରସଗୋଲା

ରାଜୁ ମଣ୍ଟୁକୁ- ଏଇ ରସଗୋଲା ଦୋକାନ ତ ତୋ ବାପାଙ୍କର। ତୋର କେବେ ଇଚ୍ଛା ହୁଏନି ଖାଇବାକୁ।

ମଣ୍ଟୁ- ଇଚ୍ଛା କାହିଁକି ହବନି। ବହୁତ ହୁଏ।

ରାଜୁ- ତା'ହେଲେ ତୁ କ'ଣ କରୁ ?

ମଣ୍ଟୁ- ବାପା ତ ରସଗୋଲା ଗଣିକି ରଖିଥାଆନ୍ତି। ସେଥିପାଇଁ ମୁଁ ଖାଲି ରସଗୋଲାର ରସ ଚୁସିକି ତାକୁ ପୁଣି ରଖିଦିଏ।

### ପଢିପାରିବି

ଡାକ୍ତରଙ୍କ ପାଖକୁ ଗୋପୀ ଯାଇ- ଆଜ୍ଞା ମୋ ଆଖିକୁ ଭଲରେ ଦେଖା ଯାଉନି।

ଡାକ୍ତର ପରୀକ୍ଷା କରି- ଚଷମା ଲଗାଇବାକୁ ପଡିବ।

ଗୋପୀ- ଚଷମା ଲଗାଇବା ପରେ ମୁଁ ପଢି ପାରିବି ତ ?

ଡାକ୍ତର- ହଁ, କାହିଁକି ନୁହେଁ ?

ଗୋପୀ-ଧନ୍ୟବାଦ ଆଜ୍ଞା। ଆପଣ ଜଣେ ଅପାଠୁଆର ପଢିବା ସ୍ୱପ୍ନ ସାକାର କରିଦେଲେ।

### ସମାଧାନ

ରାଜେଶ ମୋହନକୁ- ତମ ସ୍ୱାମୀସ୍ତ୍ରୀ ଭିତରେ ହୋଇଥିବା ଝଗଡାର ସମାଧାନ ହେଲା କି ନାହିଁ ?

ମୋହନ- ହଁ, ସେ ପରା ଆଣ୍ଠେଇକି ଚାଲି ଚାଲି ମୋ ପାଖକୁ ଆସିଲା।

ରାଜେଶ- ସତ ! ଆସିକି କ'ଣ କହିଲେ ଭାଉଜ।

ମୋହନ- କହିଲା, ଏବେ ତ ଖଟତଳୁ ବାହାରକୁ ବାହାର। ମୁଁ ତମକୁ ଆଉ ମାରିବିନି।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: କୁମାର ଶରତ, ମେକଅପ୍: ପ୍ରିୟାଂଶୁ ସ୍ଥାନ- ଦି ନ୍ୟୁ ମାରିଅନ୍, ଭୁବନେଶ୍ୱର









# ଆକର୍ଷଣୀୟ ବିଚ୍ ଗୋଆ

**ଆକର୍ଷଣୀୟ ବିଚ୍ ତଥା ଶାନ୍ତିପ୍ରିୟ ସ୍ଥାନ ପାଇଁ ପର୍ଯ୍ୟଟକ ଗୋଆକୁ ବେଶ୍ ପସନ୍ଦ କରିଥାନ୍ତି। ତା'ଛଡା ବିଭିନ୍ନ ପ୍ରକାର ଜଳକ୍ରୀଡ଼ା ପାଇଁ ସୁବିଧା ଥିବାରୁ କ୍ରୀଡ଼ାପ୍ରେମୀଙ୍କର ମଧ୍ୟ ଏଠାରେ ଖୁବ୍ ଭିଡ଼ ଜମିଥାଏ। ତେବେ କରୋନା ମହାମାରୀ ପାଇଁ ବେଶ୍ କିଛି ଦିନର ବ୍ୟବଧାନ ପରେ ପୁଣିଥରେ ଗୋଆ ତା'ର ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ଆରମ୍ଭ କରିଦେଇଛି...**

**ଗୋ**ଆ ନିଜର ସୁନ୍ଦର ସମୁଦ୍ରତଟ ତଥା ପ୍ରସିଦ୍ଧ ସ୍ଥାପତ୍ୟ ପାଇଁ ବେଶ୍ ଲୋକପ୍ରିୟତା ହାସଲ କରିଛି। ଶାନ୍ତିପ୍ରିୟ ପର୍ଯ୍ୟଟକ ଓ ପ୍ରକୃତିପ୍ରେମୀଙ୍କ ପାଇଁ ଏହା ଏକ ପରଫେକ୍ଟ ଡେଷ୍ଟିନେଶନ କହିଲେ ଅତ୍ୟୁକ୍ତି ହେବନାହିଁ। ଗୋଆ ଭାରତର ଏକ ଛୋଟ ରାଜ୍ୟ ହୋଇଥିଲେ ବି ଏଠାରେ ଛୋଟବଡ ହୋଇ ପ୍ରାୟ ୪୦ଟି ସମୁଦ୍ରତଟ ଥିବାର ସୂଚନା ରହିଛି। ତନ୍ମଧ୍ୟରୁ କେତେକ ସମୁଦ୍ରତଟ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଖ୍ୟାତି ଅର୍ଜନ କରିପାରିଛି। ଖାସ୍ ଏହି କାରଣ ପାଇଁ ଗୋଆ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିବାରେ ସକ୍ଷମ ହୋଇପାରିଛି।

**ଗୋଆର ଆକର୍ଷଣ:** ଗୋଆର କେତେକ ପ୍ରମୁଖ ସମୁଦ୍ରତଟ ହେଉଛି ବାଗାବିଚ୍, କଲାନଗୁଟେ, ପାଲୋଲେମ୍, ମୀରାମାର୍, ବାଗାଟୋର୍, ଅଞ୍ଜୁନା, ସିଙ୍କେରିୟନ୍ ବିଚ୍ ଇତ୍ୟାଦି। ଏହିସବୁ ସମୁଦ୍ରତଟ ମଧ୍ୟରୁ କେତେକ ସମୁଦ୍ରତଟରେ ବିଭିନ୍ନ ପ୍ରକାରର ଜଳକ୍ରୀଡା ଯେମିତି କି ବାନାନା ବୋଟ୍ ରାଇଡ୍ସ, ପାରାସେଲିଂ, ଜେଟ୍ ସ୍କି, ୱାଟର୍ ସ୍କୁଟର୍ ରାଇଡ୍ ଇତ୍ୟାଦି କରିବାର ସୁଯୋଗ ମଧ୍ୟ ରହିଛି। କେବଳ ଏତିକି ନୁହେଁ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଗୋଆରେ ଅନେକ ଧାର୍ମିକସ୍ଥଳ, ଐତିହାସିକ ଚର୍ଚ୍ଚ, ବନ୍ୟପ୍ରାଣୀ ଅଭୟାରଣ୍ୟ, ମ୍ୟୁଜିୟମ୍ ତଥା ବିଜ୍ଞାନ ପରିଦର୍ଶନାଗାର ଇତ୍ୟାଦି ମଧ୍ୟ ଅଛି।

**ସାବଧାନତା:** ଆକର୍ଷଣୀୟ ବିଚ୍ ପାଇଁ ଲୋକପ୍ରିୟତା ହାସଲ କରିଥିବା ଗୋଆକୁ ବର୍ଷର ସବୁ ସମୟରେ ପର୍ଯ୍ୟଟକଙ୍କର ଯା'ଆସ ଲାଗି ରହିଥାଏ। ହେଲେ କରୋନା ମହାମାରୀ ପାଇଁ ବେଶ୍ କିଛି ଦିନ ଏଠାକୁ ପର୍ଯ୍ୟଟକଙ୍କ ଆଗମନକୁ ନେଇ କଟକଣା ରହିଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଟିକେ ସୁଧାର ଆସିବାରୁ ଗୋଆ ତା'ର ପର୍ଯ୍ୟଟକଙ୍କୁ ପୁଣିଥରେ ସ୍ୱାଗତ କରିବା ଆରମ୍ଭ କରିଛି। ତେବେ ଶୁଣିବାକୁ ମିଳୁଛି ଏଠାକୁ ବୁଲିବାକୁ



ଆସୁଥିବା ପର୍ଯ୍ୟଟକଙ୍କୁ ଏବେ ଆଉ କୋଭିଡ୍ ଟେଷ୍ଟ କିମ୍ବା କ୍ୱାରେଣ୍ଟାଇନ୍ ସେଣ୍ଟରରେ ରହିବା ପାଇଁ ବାଧ୍ୟ କରାଯାଉନାହିଁ। କାରଣ ଏଠାରେ ମହାମାରୀର ପରିସ୍ଥିତି ପ୍ରାୟ ନିୟନ୍ତ୍ରଣରେ ରହିଥିବା ସୂଚନା ମିଳୁଛି। ତଥାପି ଏଠି ସାବଧାନତା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି । ଯେମିତି କି: ମାସ୍କର ବ୍ୟବହାର, ସାମାଜିକ ଦୂରତ୍ୱ ରକ୍ଷା କରିବା ଓ ହ୍ୟାଣ୍ଡ ସାନିଟାଇଜର୍ ବ୍ୟବହାର କରିବା ଆଦି ନିହାତି ଜରୁରୀ।

# ଛଦ୍ମ ଯୁଦ୍ଧୋପକରଣ



ଅନେକ ସମୟରେ ଦେଖାଯାଇଛି ଛଳନା ମାଧମରେ ଯୁଦ୍ଧରେ ବିଜୟ ହୋଇଛି। ତେଣୁ ଛଳନାକୁ ଯୁଦ୍ଧର ଏକ ମୁଖ୍ୟ ହତିଆରଭାବେ ଗଣନା କରାଯାଏ। ଏବେ ରୁଷୀୟାରେ ବି ସେହିଭଳି ଛଳନାକୁ ବିଶେଷ ଗୁରୁତ୍ୱ ଦିଆଯାଇ ତିଆରି କରାଯାଇଛି ବେଲୁନ୍‌ରେ ତିଆରି ଯୁଦ୍ଧ ଟ୍ୟାଙ୍କ, ରକେଟ ଲଞ୍ଚର୍, ଫାଇଟର୍ ଜେଟ୍, ଏମିତିକି ରେଡିଓ ଷ୍ଟେସନ୍ ବି। ଏଗୁଡିକ ଦେଖିବାକୁ ବେଶ୍ ବାସ୍ତବ ଲାଗେ। ଶତ୍ରୁପକ୍ଷକୁ କିଛି ସମୟ ପାଇଁ ଭ୍ରମରେ ପକାଇପାରେ ଏହି ଛଦ୍ମ ଯୁଦ୍ଧ ଉପକରଣ। ଏତେ ସଂଖ୍ୟକ ଟ୍ୟାଙ୍କ, ରକେଟ୍ ଲଞ୍ଚର୍ ଆଦିକୁ ଦେଖି ଶତ୍ରୁପକ୍ଷ ଭୟଭୀତ ବି ହୋଇପାରନ୍ତି। ଯଦିଓ କିଛି ସୁପର୍ ପାୱାର ଦେଶର ମଡର୍ନ ଟେକ୍ନୋଲୋଜି ଆଗରେ ଏସବୁ ଧରାପଡିଯିବ। କିନ୍ତୁ କିଛି ସମୟର ଭ୍ରାନ୍ତଧାରଣା ଓ ସମୟ ଅପଚୟ ଯୁଦ୍ଧର ମୋଡ ବଦଳାଇବା ପାଇଁ ଯଥେଷ୍ଟ। ବେଲୁନ୍‌ରେ ତିଆରି ଏହିସବୁ ଯୁଦ୍ଧ ସମ୍ବନ୍ଧୀୟ ଜିନିଷକୁ ରସବଲ୍ ନାମକ କମ୍ପାନୀ ତିଆରି କରିଛି।





## କାର୍ଟୁନ କର୍ନର



# ଭିନ୍ନ ଲୁକ୍‌ର ହାଇହିଲ୍







**ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ହାଇହିଲ୍। ସେଥିପାଇଁ ମଡର୍ନ ଯୁବତୀଙ୍କର ଏହା ବେଶ୍ ପସନ୍ଦ। ତେବେ ଏଠାରେ ଯେଉଁ ହାଇହିଲ୍ କଥା କୁହାଯାଉଛି ଏହାକୁ ପାଦରେ ତ ପିନ୍ଧିହେବ, ହେଲେ ଲୁକ୍ ଟିକେ ଭିନ୍ନ ଲାଗିବ। କାରଣ ଏଗୁଡ଼ିକ ହେଉଛି ଭିନ୍ନ ଲୁକ୍‌ର ହାଇହିଲ୍...**

**ଡାଇନୋସର୍ ହାଇହିଲ୍:** ଏହି ହାଇହିଲ୍‌ର ହିଲ୍‌କୁ ଡାଇନୋସର୍ ସେପ୍‌ରେ ତିଆରି କରାଯାଇଥିବାରୁ ଏହା ଦେଖିବାକୁ ଟିକେ ଭିନ୍ନ ଲାଗେ। ତେବେ କେବଳ ଏହି ଗୋଟିଏ ଡିଜାଇନ୍ ନୁହେଁ, ବଜାରରେ ଆହୁରି ଅନେକ ଡିଜାଇନ୍‌ର ଡାଇନୋସର୍ ହିଲ୍ ମିଳୁଥିବାର ନଜିର ରହିଛି।

**ଲେଗୋ ହାଇହିଲ୍ :** ଲେଗୋ ଖେଳଣାକୁ ସଜାଇ ଖେଳିବାକୁ କାହାକୁ ବା ଭଲ ଲାଗେନି। ଆଉ ଯଦି ସେହି ଲେଗୋକୁ ନେଇ ହାଇହିଲ୍ ତିଆରି ହୋଇଥାଏ, ତା'ହେଲେ ତ ହାଇହିଲ୍‌ର ଲୁକ୍ ବି ବଦଳିଯାଏ। କଲରଫୁଲ୍ ଲେଗୋକୁ ନେଇ ତିଆରି ହୋଇଥିବା ହାଇହିଲ୍ ଯେକୌଣସି ରଙ୍ଗର ଆଉଟଫିଟ୍ ସହ ଟ୍ରାଏ କରିହେବ।

**କାଇନେଟିକ୍ ହାଇହିଲ୍ :** ଏ ପ୍ରକାର ହାଇହିଲ୍‌ରେ ସ୍ୱତନ୍ତ୍ର ଧରଣର ଏଲ୍‌ଇଡି ଲାଇଟ୍ ବ୍ୟବହାର କରାଯାଇଥାଏ। ଅନ୍ୟ କୌଣସି ଅକେଜନ୍ ଅପେକ୍ଷା ଖାସ୍ କରି ଫ୍ରୋଜେନ୍ ଥିମ୍ ପାର୍ଟିକୁ ଗଲାବେଳେ ଏହି ହାଇହିଲକୁ ଟ୍ରାଏ କଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳିବ।

**ଡଗ୍ ଥିମ୍ ହାଇହିଲ୍ :** କୁକୁର ଆକୃତିର ଏହି ହାଇହିଲ୍ ଦେଖିବାକୁ ସିନା ଟିକେ ଅଜବ ଲାଗେ ହେଲେ ପିନ୍ଧିବାକୁ ଏହା କମ୍ଫର୍ଟେବଲ୍ ହୋଇଥାଏ।

**ଚେନ୍ ହାଇହିଲ୍ :** ଏହା ଏକ ଅଜବ ଧରଣର ହାଇହିଲ୍। ଏହାର ହିଲ୍‌ରେ ଚେନ୍ ଓହଳିଥିବାର ଦେଖାଯାଏ। ଲଣ୍ଡନର ଜଣେ ଡିଜାଇନର୍ ଏହି ହାଇହିଲ୍‌କୁ ଡିଜାଇନ୍ କରିଥିବା ସୂଚନା ରହିଛି।



**ଆନିମଲ୍ ଶୁ ଆର୍ଟ:** ଗାଈମାନଙ୍କ ଗୋଡରେ ଯେମିତି ଖୁରା ଥାଏ, ଅବିକଳ ସେହି ଡିଜାଇନ୍‌ରେ ଏହି ହାଇହିଲ୍‌କୁ ତିଆରି କରାଯାଇଛି। ଏହାକୁ ପିନ୍ଧିଲେ ଯେ କେହି ବି ବୁଲିବୁଲି ଚାହିଁବା ସ୍ୱାଭାବିକ।

**ପ୍ଲେଗ୍ରାଉଣ୍ଡ ସ୍ଲାଇଡ୍ ହାଇହିଲ୍ :** ଖେଳ ପଡ଼ିଆରେ ପିଲାମାନଙ୍କ ଖେଳିବା ପାଇଁ ଯେମିତି ସ୍ଲାଇଡ୍ ଥାଏ, ଅବିକଳ ସେହି ଡିଜାଇନ୍‌ରେ ଏହି ହାଇହିଲ୍‌କୁ ତିଆରି କରାଯାଇଛି। ଏହାକୁ ପିନ୍ଧିଲେ ବି ଭିନ୍ନ ଲୁକ୍ ମିଳିଥାଏ।

**ଏଲିଏନ୍ ଇନ୍‌ସ୍ପାୟାର୍ଡ ହାଇହିଲ୍ :** ଟିଭି ପରଦାରେ ଆମେ ଯେଉଁ ଏଲିଏନ୍‌ଙ୍କୁ ଦେଖୁ, ସେମାନଙ୍କ ଥିମ୍‌କୁ ନେଇ ଏବେ ହାଇହିଲ୍ ତିଆରି ହେଲାଣି। ଏହା ଦେଖିବାକୁ ଯେମିତି ଅଜବ ଲାଗେ, ପିନ୍ଧିବାକୁ ବି ସେମିତି ଅଜବ ଲାଗିଥାଏ।







ବ୍ୟାକ୍ ପେଜ୍





# ଅଣ୍ଡର ୱାଟର ଡିନର୍ ପାର୍ଟି

ଡିନର୍ ପାର୍ଟି ଯାଇଥିବେ, ବେଶ୍ ହସଖୁସିରେ ଖାଇପିଇ ଘରକୁ ବି ଫେରିଥିବେ। ହେଲେ ଏଠାରେ ଯେଉଁ ଡିନର୍ ପାର୍ଟି କଥା କୁହାଯାଉଛି, ତାହା ବେଶ୍ ନିଆରା। ଏଥିରେ ଯୋଗ ଦେଇଥିବା ସମସ୍ତ ବ୍ୟକ୍ତି ଆଜୀବନ ପାଇଁ ଏକ ନିଆରା ଅନୁଭୂତି ସାଉଁଟିଛନ୍ତି। କାରଣ ଉକ୍ତ ଡିନର୍ ପାର୍ଟି ଆୟୋଜିତ ହୋଇଥିଲା ପାଣି ଭିତରେ। ଲଣ୍ଡନର ପାର୍କ କ୍ଲବ୍ ଉକ୍ତ ଡିନର୍ ପାର୍ଟିକୁ ଆୟୋଜନ କରିଥିଲେ। ଆଡ୍ରିଆନ୍ ଚିଲ୍ସ ଓ ଜେମ୍ସ ଡ୍ରେଫୁସ୍ ଏହାର ସମସ୍ତ ବନ୍ଦୋବସ୍ତ କରିଥିଲେ। ଚାରିଟି ପାଇଁ ଆୟୋଜନ କରାଯାଇଥିଲା ଉକ୍ତ ଡିନର୍ ପାର୍ଟି। ଉକ୍ତ ଡିନର୍ ପାର୍ଟିରେ ଲଣ୍ଡନ ସ୍କୁଲ ଅଫ୍ ଡାଇଭିଂର ଏକ୍ସପର୍ଟମାନେ ଗ୍ରାହକଙ୍କୁ ପାଣି ଭିତରେ କିଭଳି ନିଃଶ୍ୱାସ ନେବେ ଓ କିଭଳି ଖାଇବେ ଶିଖାଇଥିଲେ। ଏହି ଡିନର୍ ପାର୍ଟି ପୃଥିବୀର ସବୁଠାରୁ ବଡ଼ ଫର୍ମାଲ୍ ଅଣ୍ଡର ୱାଟର୍ ଡିନର୍ ଭାବେ ରେକର୍ଡ କରିଛି।





# କୁନି ହାତରେ ଶିବାଜୀଙ୍କ ବଡ଼ ରଙ୍ଗୋଲୀ

ପୂଜାପାର୍ବଣ ହେଉ କି ଶୁଭ ଅବସର, ରଙ୍ଗୋଲୀ କରାଯାଏ। ହିନ୍ଦୁ ଧର୍ମରେ ଏହାର ମହତ୍ତ୍ୱ ଢେର୍ ବେଶି। କିଏ କେତେ ପ୍ରକାରର ଛୋଟବଡ଼ ରଙ୍ଗୋଲୀ କରନ୍ତି। କେହି କେହି ତ ରଙ୍ଗୋଲୀ କରି ବେଶ୍ ସୁନାମ ଅର୍ଜନ କରିଛନ୍ତି। ଆଉ କେହି ରେକର୍ଡ ବି କରିଛନ୍ତି। ଯେମିତି କି ମହାରାଷ୍ଟ୍ର, ଅହମ୍ମଦନଗରର ୧୨ ବର୍ଷ ବୟସର କୁନି ଝିଅ ସୌନ୍ଦର୍ଯ୍ୟା ବନସୋଦ ବିରାଟକାୟ ଛତ୍ରପତି ଶିବାଜୀଙ୍କର ରଙ୍ଗୋଲୀ କରି ରେକର୍ଡଧାରୀ ହୋଇଛନ୍ତି। ସେ



୪,୪୦,୦୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ଏହି ରଙ୍ଗୋଲୀ କରିଥିଲେ। ଏତେ ବଡ ଅଞ୍ଚଳରେ ରଙ୍ଗୋଲୀ କରିବା ବଡ ଲୋକଙ୍କ ପକ୍ଷେ ବି ସମ୍ଭବ ନୁହେଁ। କିନ୍ତୁ ସୌନ୍ଦର୍ଯ୍ୟା ଏକୁଟିଆ ସେହି ରଙ୍ଗୋଲି କରିଥିଲେ। ଏହାକୁ କରିବା ପାଇଁ ତାଙ୍କୁ ୩୧ ଦିନ ଲାଗିଥିଲା। ଶିରଡି କୋପର ଗାଁ ହାଇୱେସ୍ଥ ଫୁଲଫାଗର୍ ଫାର୍ମରେ ସେ ଏହି ରଙ୍ଗୋଲୀ କରିଥିଲେ। ଆଉ ଲିମ୍କା ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିଲେ।

# ଏଇ ଝରଣାରେ ଖସେନା ଗୋଡ

ଝରଣା ସମସ୍ତେ ଦେଖିଥିବେ। ତା' ପାଣିରେ ଗାଧୋଇଥିବେ। କିନ୍ତୁ ବେଳେବେଳେ ସାମାନ୍ୟ ଅସାବଧାନତା ଯୋଗୁ ଏହାର ଖସଡା ପଥରରେ ଗୋଡ ଖସି ଦୁର୍ଘଟଣା ଘଟିଥାଏ। କିନ୍ତୁ ଥାଇଲାଣ୍ଡରେ ଥିବା 'ବୁଆ ଥଙ୍ଗ' ନାମକ ଏକ ଝରଣାର କଥା ଭିନ୍ନ। ଏହି ଝରଣାର ଉପରୁ ତଳଯାଏ ପଥରରେ ଗୋଡ ଆଦୌ ଖସି ନ ଥାଏ। ଏମିତି କି ଲୋକେ ପଥର ଉପରେ ଚଢି ଚଢି ଝରଣାର ଉପରଭାଗ ପର୍ଯ୍ୟନ୍ତ ଯାଇପାରନ୍ତି। ଦୌଡା ଦୌଡି ବି କରିପାରନ୍ତି। ହେଲେ ଗୋଡ ଖସି ନ ଥାଏ। ତେଣୁ ୩୩୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ଝରଣାକୁ 'ଚିପ୍‌ଚିପା' ଝରଣା ବି



କୁହାଯାଏ। ତେବେ ଏଠାରେ ଗୋଡ ନ ଖସିବାର କାରଣ ହେଉଛି ଏଠାରେ ଥିବା ପଥରଗୁଡିକ ଲାଇମ୍ ଷ୍ଟୋନ୍‌ର ଅଟେ, ଯେଉଁଥିରେ କି ଭଲ ଗ୍ରିପ୍ ଥାଏ। ଝରଣାର ଜଳ ସ୍ରୋତରେ କ୍ୟାଲସିୟମ୍‌ର ମାତ୍ରା ଅଧିକ, ଯାହା କି ପଥରରେ ଜମିଯାଏ। ତେଣୁ ଏଠାରେ ଶିଉଳି ବି ହୁଏ ନାହିଁ। ତେଣୁ ପଥର ଖସଡା ହୁଏ ନାହିଁ। ଆଉ ଏକ ଖାସ୍‌କଥା ହେଲା ଏହାର ପାଣି ଧଳା ରଙ୍ଗର ଦେଖାଯାଏ। ଏହାର କାରଣ ହେଉଛି ପାଣିରେ ଥିବା ଚୂନ ଅଂଶ। ଉକ୍ତ ଝରଣାରେ ଏହି ରୋମାଞ୍ଚକର ଅନୁଭୂତି ସାଉଁଟିବା ପାଇଁ ପର୍ଯ୍ୟଟକମାନେ ଏଠାକୁ ଆସନ୍ତି। ଯଦି ଏଠାରେ କାହାକୁ ସିଧା ସିଧା ଝରଣା ଚଢିବା କଷ୍ଟ ହୁଏ ତେବେ ପାର୍ଶ୍ୱରେ ଥିବା ଦଉଡିକୁ ଧରି ଚଢିପାରିବେ।